# ସମର୍ପଣ ଓ ବାଧାବିଘ୍ନ

# ସୂଚନା

ପୂର୍ଣ୍ଣଯୋଗର ମୂଳଭିତ୍ତି ହେଲା ସମର୍ପଣ । ସମର୍ପଣ ବ୍ୟତୀତ ଯୋଗସାଧନାର କୌଣସି ଅର୍ଥ ନାହିଁ । 'ସମର୍ପଣ' ଅତି ସାଧାରଣ ଶବ୍ଦଟିଏ ହେଲେ ମଧ୍ୟ ଏହାର ଗଭୀର ଅର୍ଥ ଓ ରହସ୍ୟ ଉପଲବ୍ଧି କରିବା ଅତ୍ୟନ୍ତ କଠିନ । ସାଧନାପଥରେ ବହୁ ବାଧାବିଘ୍ନ ଦ୍ୱାରା ସାଧକ ବ୍ୟତିବ୍ୟସ୍ତ ହୋଇପଡ଼େ । ଏହିସବୁ ବାଧାବିଘ୍ନର ଯଥାର୍ଥ ସ୍ୱରୂପ ଉପଲବ୍ଧି କରିବା ମଧ୍ୟ ସାଧକ ପକ୍ଷରେ ସମୟ ସମୟରେ ଅତ୍ୟନ୍ତ ଦୁରୂହ ବ୍ୟାପାର ହୁଏ । ଲେଖକ ଏହି ଦୀର୍ଘ ପ୍ରବନ୍ଧରେ ସ୍ୱୀୟ ଅଭିଜ୍ଞତାରୁ 'ସମର୍ପଣ'ର ଅର୍ଥ ସ୍ୱରୂପ ଓ ପଦ୍ଧତି ଏବଂ ସାଧନାପଥରେ ବାଧାବିଘ୍ନ ସମ୍ବନ୍ଧରେ ଅତି ଉପାଦେୟ ଓ ମୌଳିକ ଆଲୋଚନା କରିଛନ୍ତି । ସମସ୍ତ ଆଲୋଚନାର ଧାରା ଅତି ନିର୍ମଳ ଓ ସରଳ ହୋଇଥିବାରୁ ସାଧକମାନଙ୍କ ପକ୍ଷରେ ଏହାର ଭାବ ଗ୍ରହଣ କରିବା ସହଜ ହେବ । ପରିଶେଷରେ ରହିଛି ପୁରାଣୋକ୍ତ 'ନାରଦଙ୍କ ମୋହ' ଉପାଖ୍ୟାନ ଯାହା ଏହି ଦୀର୍ଘ ପ୍ରବନ୍ଧକୁ ସୁପାଠ୍ୟ ଏବଂ ସମୁଜ୍ଜ୍ୱଳ କରିପାରିଛି । ଆଶାକରୁ ଏହି ପୁସ୍ତିକାଟି ପାଠକମାନଙ୍କ ପାଖରେ ବିଶେଷଭାବେ ଆଦୃତ ହେବ ।

— ପ୍ରକାଶକ

# ସମର୍ପଣ ଓ ବାଧାବିଘ୍ନ

ଶ୍ରୀଅରବିନ୍ଦଙ୍କ ଯୋଗରେ ମନ-ପ୍ରାଣ-ଶରୀରର ସମର୍ପଣ ଏକାନ୍ତ ଆବଶ୍ୟକ । ପୂର୍ଣ୍ଣ ଆତ୍ମସମର୍ପଣ ଦ୍ୱାରା ଶ୍ରୀମା ଓ ଶ୍ରୀଅରବିନ୍ଦ ଏହି ପୃଥିବୀରେ ଅବତରଣ କରାଇଥିବା ଆଦ୍ୟା ସୃଜନକାରୀ ଅତିମାନସ ମହାଶକ୍ତି ସାଧକ ମଧ୍ୟରେ କ୍ରିୟା କରି ସାଧକକୁ ରୋଗ, ଜରା, ମୃତ୍ୟୁରୁ ମୁକ୍ତ କରେ ଏବଂ ତାହାର ମନ, ପ୍ରାଣ ଶରୀରକୁ ମୂଳ ଚିନ୍ମୟ ତତ୍ତ୍ୱରେ ରୂପାନ୍ତରିତ କରେ; ଏହା ସଙ୍ଗେ ସଙ୍ଗେ ଜଗତରୁ ହିଂସା, ଦ୍ୱେଷ, ଈର୍ଷା, ବିରୋଧ, ଯୁଦ୍ଧାଦି ଦୁର୍ଗୁଣକୁ ଦୂର କରି ସଂସାରରେ ସ୍ୱର୍ଗରାଜ୍ୟ ସ୍ଥାପନ କରେ । ପୁରାତନ ଯୋଗର ଅତ୍ୟନ୍ତ ଶକ୍ତିଶାଳୀ ସମସ୍ତ ସାଧନା, ଉତ୍କଟ ତପସ୍ୟା ଦ୍ୱାରା ଏହି ଲକ୍ଷ୍ୟ କଦାପି ସାଧିତ ହୋଇପାରେ ନାହିଁ, ଏହା ହୁଏ ଅତିମାନସ ଶକ୍ତି ଦ୍ୱାରା ସାଧକର ମନ, ପ୍ରାଣ, ଶରୀର ଦିବ୍ୟ ତତ୍ତ୍ୱରେ ରୂପାନ୍ତର ହେଲେ ।

ଆଦିପୁରୁଷ ସତ୍-ଚିତ୍-ଆନନ୍ଦ ପରମବ୍ରହ୍ମ ନିଜ ସଂକଳ୍ପରେ ସୃଷ୍ଟି କରିବା ଉଦ୍ଦେଶ୍ୟରେ ନିଜ ମାୟାକୁ ଆଶ୍ରୟ କରି ଭିନ୍ନ ଭିନ୍ନ ପ୍ରାଣୀରୂପେ ପ୍ରକଟ ହୋଇ ଅଛନ୍ତି । କାରଣ ସେ ନିଜକୁ ଏହି ସଂସାରରେ ପରିପୂର୍ଣ୍ଣ ଭାବରେ ଅଭିବ୍ୟକ୍ତ କରିବାକୁ ଚାହାନ୍ତି । ମନୁଷ୍ୟ ଅଜ୍ଞାନରେ ମୋହିତ ହୋଇ ତାହାର ଯେଉଁ ସ୍ୱାଭାବିକ ଚାହିଁବା ବା ଲକ୍ଷ୍ୟ ପରମାନନ୍ଦ ପରମ ଶାନ୍ତି, ରୋଗ, ଜରା, ମୃତ୍ୟୁରୁ ମୁକ୍ତି, ପ୍ରକୃତି ଉପରେ ଅଧିକାରପ୍ରାପ୍ତି – ଏହିସବୁକୁ ଭୁଲି ଅଜ୍ଞାତରୂପେ ଏହି ଲକ୍ଷ୍ୟର ବିକୃତ ରୂପ ସାଂସାରିକ ସୁଖକୁ ଖୋଜୁଛି ସ୍ତ୍ରୀ, ପୁତ୍ର, ଧନ, ମାନ ଓ ଯଶାଦିରେ । ଏହିସବୁ ବସ୍ତୁ ଅସ୍ଥାୟୀ ହେବାରୁ ସୁଖ ସଙ୍ଗେ ସଙ୍ଗେ ପାଉଛି ଦୁଃଖ, ଆଶାରେ ହେଉଛି ନିରାଶ ଏବଂ ହତାଶ । ଶେଷରେ କିଂକର୍ତ୍ତବ୍ୟବିମୂଢ଼ ହୋଇ ଏହି ଦ୍ୱନ୍ଦ୍ୱରୁ ମୁକ୍ତ ହେବାର ମାର୍ଗ ନ ଦେଖି, ଉପାୟ ନ କରି ବାରଂବାର ଜନ୍ମମରଣ-ଆବର୍ତ୍ତନରେ ପଡ଼ି ଅନନ୍ତ କାଳରୁ ଦୁଃଖ, ଦ୍ୱନ୍ଦ୍ୱ ଭୋଗ କରି ଚାଲିଆସୁଛି । ଏହି ଦୁଃଖ-ଦ୍ୱନ୍ଦ୍ୱରୁ ମୁକ୍ତ ହେବାର ମାର୍ଗ ଯଦ୍ୟପି ପୁରାତନ ଯୋଗସମୂହ ମନୁଷ୍ୟ ସମ୍ମୁଖରେ ଉପସ୍ଥାପିତ କରିଛନ୍ତି ତଥାପି ସେଥିରେ ସାଂସାରିକ ସମସ୍ୟାର ସମାଧାନ ହୋଇ ନାହିଁ କିଂବା ଜୀବନ ପୂର୍ଣ୍ଣତାକୁ ପ୍ରାପ୍ତ ହୋଇ ନାହିଁ ।

ମନୁଷ୍ୟ ଜ୍ଞାତ ବା ଅଜ୍ଞାତରେ ଚାହେଁ – ରୋଗ, ଜରା, ମୃତ୍ୟୁ, ହିଂସା, ଦ୍ୱେଷ, ଈର୍ଷା, ବିରୋଧ, ସ୍ୱାର୍ଥ, ଅହଂ ଆଦିରୁ ମୁକ୍ତି; ସୁଖ, ନୀରୋଗତା, ଯୌବନ, ଆନନ୍ଦମୟ ଜୀବନ; ସାଂସାରିକ ହିଂସା, କଳହ, ଯୁଦ୍ଧ, ଦ୍ୱନ୍ଦ୍ୱବିରୋଧରୁ ମୁକ୍ତ ସ୍ୱର୍ଗରାଜ୍ୟ । ଏହା କୌଣସି ପୁରାତନ ଯୋଗରେ ସାଧିତ ହୋଇ ନାହିଁ । ସଂସାର ଓ ମନୁଷ୍ୟଜୀବନର ଦୁଃଖ-ଦ୍ୱନ୍ଦ୍ୱଗୁଡ଼ିକ ପୂର୍ବେ ଯେପରି ଥିଲା ବର୍ତ୍ତମାନ ଆମ୍ଭମାନଙ୍କ ସମ୍ମୁଖରେ ସେହିପରି ରହିଛି । ଏହା ସାମୂହିକ ଭାବରେ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗରେ ସାଧିତ ହୁଏ । କେତେକ ସଂଖ୍ୟାରେ ସାଧକମାନଙ୍କର ମନ, ପ୍ରାଣ, ଶରୀର ତା'ର ଚିନ୍ମୟ ତତ୍ତ୍ୱରେ ରୂପାନ୍ତର ଆରମ୍ଭ ହେବା ସଙ୍ଗେ ସଙ୍ଗେ କ୍ରମଶଃ ସଂସାରରୁ ହିଂସା, ଦ୍ୱେଷ, ଯୁଦ୍ଧ, ବିଦ୍ରୋହ କମ୍ ହୁଏ, ଶାନ୍ତି, ନ୍ୟାୟ, ପ୍ରେମ ବୃଦ୍ଧି ଲାଭ କରେ । ଯେତେବେଳେ ଏହି ଯୋଗର ସାଧକମାନଙ୍କର ମନ, ପ୍ରାଣ, ଶରୀର ଚିନ୍ମୟ ତତ୍ତ୍ୱରେ ପୂର୍ଣ୍ଣ ରୂପାନ୍ତର ହୁଏ, ସେତେବେଳେ ସେମାନଙ୍କୁ କୁହାଯାଏ ଅତିମାନବ । ଏହି ପୃଥିବୀରେ ଅତିମାନବଜାତି ସ୍ଥାପିତ ହେଲେ ସଂସାର ପୂର୍ଣ୍ଣରୂପେ ଦ୍ୱନ୍ଦ୍ୱରୁ ମୁକ୍ତ ହୋଇ ସ୍ୱର୍ଗରେ ପରିଣତ ହୁଏ । ଶ୍ରୀଅରବିନ୍ଦଙ୍କ ଯୋଗରେ ଏହି ଯେଉଁ ଅତିମାନବ ସୃଷ୍ଟି, ଏହା କୌଣସି ପୁରାତନ ଯୌଗିକ କ୍ରିୟା ଦ୍ୱାରା ସାଧିତ ହୁଏ ନାହିଁ, ସାଧିତ ହୁଏ ଯଦି ଅତିମାନସ ଶକ୍ତିକୁ ସାଧକ ନିଜ ମଧ୍ୟରେ ଆବାହନ କରେ; ତାକୁ ସାଧନାର ସମସ୍ତ ଭାର ଦେଇ ତା' ଚରଣରେ ସଂପୂର୍ଣ୍ଣରୂପେ ନିଜେ ଓ ନିଜର ଯାହାକିଛି ସମସ୍ତ ଅର୍ପଣ କରେ; ତେବେ ସେ ସାଧକ ମଧ୍ୟରେ ଅବତରଣ କରି ସାଧନାର ପୂର୍ଣ୍ଣଭାର ଗ୍ରହଣ କରି ରୂପାନ୍ତର କ୍ରିୟା କରିପାରେ । ସେହି ସକାଶେ ଏହି ଯୋଗରେ ସମର୍ପଣ ହେଲା ଅପରିହାର୍ଯ୍ୟ ସାଧନା ଏବଂ ପ୍ରତ୍ୟେକ ବ୍ୟକ୍ତି ସକାଶେ ସୁଲଭ । ବ୍ୟକ୍ତି ସଂସାର, ପରିବାରରେ ରହି ଏହି ସାଧନା ସହଜରେ କରିପାରେ ।

# ସମର୍ପଣ

ଭଗବାନଙ୍କର ବିଧାନ ମନୁଷ୍ୟ-ବୁଦ୍ଧିର ଅଗୋଚର ଓ ଅକଳ୍ପନୀୟ । ସୀମିତ ମନ-ବୁଦ୍ଧି ଦ୍ୱାରା ଭଗବାନଙ୍କ ବିଧାନ ଜାଣିବା କେବଳ ଦୁଃସାଧ୍ୟ ନୁହେଁ, ଅସମ୍ଭବ । ଜଳ ପ୍ରତ୍ୟେକ ଦେହଧାରୀ ପ୍ରାଣବନ୍ତ ଜୀବର ଆବଶ୍ୟକ ଅତଏବ ଏହା ସର୍ବତ୍ର ସୁଲଭ ଓ ପ୍ରାପ୍ୟ । ସୁବର୍ଣ୍ଣ, ମଣି, ମୁକ୍ତା ଇତ୍ୟାଦି ମନୁଷ୍ୟ, ପଶୁ ଓ ଇତର ପ୍ରାଣୀମାନଙ୍କ ଜୀବନ ଧାରଣରେ ଅନାବଶ୍ୟକ, କିନ୍ତୁ ତାହା ଦୁର୍ମୂଲ୍ୟ ଏବଂ ଦୁଷ୍ପ୍ରାପ୍ୟ । ସେହିପରି ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ ସିଦ୍ଧି ପ୍ରତ୍ୟେକ ପ୍ରାଣୀର ଆବଶ୍ୟକ, ସେହି ସକାଶେ ତାହାର ସାଧନ 'ସମର୍ପଣ' ଅତ୍ୟନ୍ତ ସହଜ । ପୂର୍ଣ୍ଣଯୋଗର ସାଧନା ଅତ୍ୟନ୍ତ ସହଜ ନ ହୋଇ ଥିଲେ ତାହା ପ୍ରତ୍ୟେକ ପ୍ରାଣୀଙ୍କ ସକାଶେ ନ ହୋଇ ପୁରାତନ ଯୋଗର ଅନ୍ୟାନ୍ୟ ସାଧନା ସଦୃଶ ସୀମିତ ହୋଇଥା'ନ୍ତା । ସମର୍ପଣ କରାହୁଏ କେବଳ ଈଶ୍ୱରଙ୍କୁ । ସେହି ଈଶ୍ୱର ଶ୍ରୀମା ଶ୍ରୀଅରବିନ୍ଦଙ୍କ ରୂପେ ଅବତାର ନେଇ ଅଛନ୍ତି । ସାଧକ ଶ୍ରୀମା ଶ୍ରୀଅରବିନ୍ଦଙ୍କୁ ଆତ୍ମସମର୍ପଣ କରିପାରେ । ଏହା ପୂର୍ଣ୍ଣତଃ ନିର୍ଭର କରେ ସାଧକର ଶ୍ରଦ୍ଧା, ବିଶ୍ୱାସ ଉପରେ । ଈଶ୍ୱର ସର୍ବବ୍ୟାପକ । ସାଧକ କାଠ ଓ ପାଷାଣ ମୂର୍ତ୍ତିରେ ଈଶ୍ୱର ଭାବ ରଖି ପୂଜା କରେ, ଆତ୍ମସମର୍ପଣ କରେ ଏବଂ ତା'ର ହୃଦୟର ଭାବ ଓ ନିଷ୍ଠା ଅନୁସାରେ ସେ ଫଳ ପାଏ । ଏପରିକି ମା'ମାନେ କାନ୍ଥରେ ଚିତା ଲେଖି ପୂଜା କରନ୍ତି ଏବଂ ଫଳ ପାଆନ୍ତି । ଶ୍ରୀମା ଶ୍ରୀଅରବିନ୍ଦ ଏହି ରୂପାନ୍ତର କାର୍ଯ୍ୟ କରିବାକୁ ସଂସାରକୁ ଆସିଛନ୍ତି । ତାଙ୍କ ମଧ ଦେଇ ଅତିମାନସ ଶକ୍ତି କ୍ରିୟା କରୁଛି । ସେ ସମସ୍ତ ଚେତନାରେ ଭଗବାନଙ୍କ ସହିତ ଏକ ଓ ଅଭିନ୍ନ ହୋଇଛନ୍ତି । ତାଙ୍କୁ ସମର୍ପଣ କରିବା ଦ୍ୱାରା ଅତିମାନସ ଶକ୍ତିକୁ ସ୍ୱତଃ ସମର୍ପଣ କରାହୁଏ । ତଦ୍ଦ୍ୱାରା ଅତିମାନସ ଶକ୍ତି ସହଜରେ ସାଧକ ମଧରେ କ୍ରିୟା କରିପାରେ । ଏଣୁ ପୂର୍ଣ୍ଣଯୋଗର ସାଧକମାନେ ମା'ଙ୍କୁ ସମର୍ପଣ କରନ୍ତି ।

ପୂର୍ବେ କୁହା ହୋଇଛି ଜଣକୁ ବାଦ୍ ନ ଦେଇ ସଂସାରର ସମସ୍ତ ବ୍ୟକ୍ତି ରୋଗ, ବୃଦ୍ଧତ୍ୱ ଓ ମୃତ୍ୟୁ, ଦୁଃଖ-କଷ୍ଟ ଚାହାନ୍ତି ନାହିଁ, ଚାହାନ୍ତି ଦୁଃଖ ବିହୀନ ପରମ ସୁଖ, ରୋଗରୁ ମୁକ୍ତ ନୀରୋଗତା, ବାର୍ଦ୍ଧକ୍ୟରୁ ମୁକ୍ତ ଚିରଯୌବନ, ମୃତ୍ୟୁରୁ ମୁକ୍ତ ଅମରତ୍ୱ । ଏହା ପୁରାତନ ଯୋଗର କୌଣସି କଠୋର ସାଧନା ଦ୍ୱାରା ପ୍ରାପ୍ତ ହୁଏ ନାହିଁ । ଏହାର ପ୍ରମାଣ ହେଲା ଆଜି ପର୍ଯ୍ୟନ୍ତ କୌଣସି ପୁରାତନ ଯୋଗୀଙ୍କୁ ଏହି ସିଦ୍ଧି ପ୍ରାପ୍ତ ହୋଇ ନାହିଁ । ଏହା ପ୍ରାପ୍ତ ହୁଏ ଅତିମାନସ ଶକ୍ତି ଦ୍ୱାରା ବ୍ୟକ୍ତିର ମନ, ପ୍ରାଣ, ଶରୀର ରୂପାନ୍ତର ହେବାରେ । ସାଧକମାନଙ୍କୁ ଏହି ରୂପାନ୍ତର ସିଦ୍ଧି ସହଜରେ ପ୍ରାପ୍ତ କରାଇବା ସକାଶେ ଶ୍ରୀମା ଶ୍ରୀଅରବିନ୍ଦ ନିଜ ତପସ୍ୟାରେ ଅତିମାନସ ଶକ୍ତିକୁ ଅବତରଣ କରାଇ ଆଣିଛନ୍ତି । ବ୍ୟକ୍ତି କେବଳ ଶ୍ରୀମା ଶ୍ରୀଅରବିନ୍ଦଙ୍କୁ ସମର୍ପଣ କଲେ ସେହି ଶକ୍ତି ବ୍ୟକ୍ତି ମଧରେ ସାଧନା କରି ଲକ୍ଷ୍ୟସିଦ୍ଧି ଆଣିଦେବ । ଏହି ସମର୍ପଣ ପୁରାତନ ବହୁତ ଯୋଗରେ ଯଦ୍ୟପି ପ୍ରଚଳିତ ହୋଇଛି ତଥାପି ଶରୀରର ସମର୍ପଣ କୌଣସି ଯୋଗରେ ହୋଇ ନାହିଁ । ଏହା ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ ।

# ସମର୍ପଣ : ସହଜ ପ୍ରକ୍ରିୟା

ଭଗବାନ ସ୍ୱୟଂ 'ଏକୋଽହଂ ବହୁସ୍ୟାମ୍', ଜଗତ୍ ଏବଂ ସମସ୍ତ ପ୍ରାଣିରୂପେ ପ୍ରକଟ ହୋଇଅଛନ୍ତି । ଅତଏବ ସମସ୍ତ ସଂସାର ତାଙ୍କର ସ୍ୱରୂପ ଓ ବିକାଶର କ୍ଷେତ୍ର । ଏହି କାର୍ଯ୍ୟରେ ପ୍ରତ୍ୟେକ ବ୍ୟକ୍ତି ଅଂଶ ଗ୍ରହଣ କରିବା ସକାଶେ ଏହି ପୃଥିବୀକୁ ଆସିଛନ୍ତି । ମନୁଷ୍ୟ ମୋହରେ ପଡ଼ି ଏହି ରହସ୍ୟକୁ ଭୁଲି, ଆସକ୍ତି ଓ ଅହଂର ପ୍ରଭାବରେ ସମସ୍ତ ବସ୍ତୁକୁ 'ମୋର' ବୋଲି ମନେକରି କର୍ମ ବନ୍ଧନ ଓ ଜନ୍ମ-ମରଣ-ଦ୍ୱନ୍ଦ୍ୱରେ ପଡୁଅଛି । ଏହି 'ମୁଁ' ଏବଂ 'ମୋର' ଭ୍ରମାତ୍ମକ ବୋଧ ଅପସାରିତ ହେଲେ ମନୁଷ୍ୟ ଆଉ ଭଗବାନଙ୍କ ମଧରେ ବ୍ୟବଧାନ ଦୂର ହୋଇଯାଏ ଏବଂ ଅତିମାନସ ଶକ୍ତି ବ୍ୟକ୍ତି ମଧରେ ରୂପାନ୍ତରକାର୍ଯ୍ୟ କରିପାରେ । ବହୁ କାଳରୁ ଏହି ଯେଉଁ ଅହଂଭାବ 'ମୁଁ' ଏବଂ 'ମୋର' ଅଭ୍ୟାସ ହୋଇଛି, ଏହି ଭ୍ରମକୁ ଦୂର କରିବା ସକାଶେ ଅଭ୍ୟାସ କରିବାକୁ ହୁଏ, ସେ ଅଭ୍ୟାସ ହେଲା ଏହି —

ମନୁଷ୍ୟର ଆସକ୍ତି ଥାଏ ଘର, ପରିବାର, ସମ୍ପତ୍ତି ତଥା ନିଜ ଶରୀରରେ । ଏଣୁ ଘରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଫଟୋ ରଖ । ମନେକର ଘରର ମାଲିକ ଶ୍ରୀମା । ପରିବାର ଓ ସମ୍ପତ୍ତି ତାଙ୍କରି । ତୁମେ ଯେଉଁ କାର୍ଯ୍ୟ କରୁଛ ତାହା ଭଗବାନଙ୍କ ସେବା । ଏହି ସେବା ସକାଶେ ଭଗବାନ୍ ତୁମକୁ ଏହି ସଂସାରକୁ ପଠାଇଅଛନ୍ତି । କୁଟୁମ୍ବପାଳନ କରିବା, ପରିବାରରେ ବ୍ୟକ୍ତି ବେମାର ହେଲେ ସେମାନଙ୍କ ସକାଶେ ଔଷଧର ବ୍ୟବସ୍ଥା କରିବା, ପିଲାଙ୍କୁ ଶିକ୍ଷା ଦେବା, ବୃଦ୍ଧ ପିତାମାତାଙ୍କୁ ଆବଶ୍ୟକ ଅନୁସାରେ ସେବା କରିବା, ପଡ଼ୋଶୀମାନଙ୍କ ସହିତ ଯଥାଯୋଗ୍ୟ ବ୍ୟବହାର କରିବା; କୃଷି, ବାଣିଜ୍ୟ, ବେତନଭୋଗୀ ସେବା, ଦେଶ ସେବା, ଦେଶ-ଶାସନ ଇତ୍ୟାଦି ସମସ୍ତ କାର୍ଯ୍ୟକୁ ଭଗବାନଙ୍କ ସେବା ଭାବରେ କରି ତାଙ୍କ ଚରଣରେ ସମର୍ପଣ କର । ଏହା କେବଳ ତୁମର କଳ୍ପନା ନୁହେଁ, ଯଥାର୍ଥରେହିଁ ସଂସାର ଓ ସଂସାରର ସମସ୍ତ ପ୍ରାଣୀ ଭଗବାନଙ୍କର; ସମସ୍ତ ବ୍ୟବସ୍ଥା ଭଗବାନଙ୍କ ଦ୍ୱାରା ହୋଇଅଛି । ଭଗବାନଙ୍କ ସୃଷ୍ଟି କାର୍ଯ୍ୟକୁ ବ୍ୟକ୍ତି ନିଜର ବୋଲି ମନେକରେ । ମାଲିକର ସମ୍ପତ୍ତିକୁ ଚାକର ଆତ୍ମସାତ୍ କଲେ ସେ ଯେପରି ଦଣ୍ଡପାଏ; ବ୍ୟକ୍ତି ସେହିପରି ଜନ୍ମ-ମରଣ ଚକ୍ରରେ ଭ୍ରମି ନାନାପ୍ରକାର ଦୁଃଖ-ଯନ୍ତ୍ରଣା ଭୋଗେ । ସଂସାର, ପରିବାର, ଧନ-ସମ୍ପତ୍ତି ସବୁ ପ୍ରକୃତରେ ବ୍ୟକ୍ତିର ନୁହେଁ । ମନୁଷ୍ୟର ବିକାଶମାର୍ଗରେ ଘର ଓ ପରିବାର ପଥଯାତ୍ରୀଙ୍କର ଗୋଟିଏ ବିଶ୍ରାମସ୍ଥାନ ସଦୃଶ । କେତେକ ଯାତ୍ରୀ ଭିନ୍ନ ଭିନ୍ନ ମାର୍ଗରେ ଆସି ରାତ୍ରିରେ ଗୋଟିଏ ବିଶ୍ରାମଶାଳାରେ ଏକତ୍ର ହୁଅନ୍ତି, ରୋଷାଇ କରି ଭୋଜନ କରନ୍ତି, ସେମାନଙ୍କ ମଧ୍ୟରୁ କେହି ବେମାର ହେଲେ ତା'ର ଉପଚାର ମଧ୍ୟ କରନ୍ତି, ପରସ୍ପର ମଧ୍ୟରେ ବେଶ୍ ମିତ୍ରତା ହୁଏ, ସକାଳୁ ଉଠି ନିଜ ନିଜ ମାର୍ଗରେ ସମସ୍ତେ ଚାଲି ଯାଆନ୍ତି, ପୁଣି କାହାରି ସଙ୍ଗରେ କାହାରି ସମ୍ପର୍କ ରହେ ନାହିଁ । ଏହି ସଂସାର, ପରିବାର ଠିକ୍ ଏହିପରି । ମନୁଷ୍ୟ ଯେଉଁ ମୋହ ଆସକ୍ତିରେ ସ୍ତ୍ରୀ, ପୁତ୍ର, ଧନସମ୍ପତ୍ତିକୁ ମୋର ବୋଲି କହେ, ବାସ୍ତବିକ ପୂର୍ବେ ତା'ର ନ ଥିଲା, ଭବିଷ୍ୟତରେ ତା'ର ରହିବ ନାହିଁ, ବର୍ତ୍ତମାନ 'ମୋର' ବୋଲି କହିବା କେବଳ ମୋହର କାରଣ । ପ୍ରତ୍ୟେକ ବ୍ୟକ୍ତି ନିଜ ବିକାଶମାର୍ଗରେ କର୍ମ କରିବାକୁ ଆସିଛନ୍ତି, ନିଜ ନିଜ କର୍ମ କରି ନିଜ ନିଜ ମାର୍ଗରେ ଚାଲିଯିବେ । ଏହା ଭୁଲିଯିବାରୁ ମନୁଷ୍ୟକୁ ବନ୍ଧନରେ ପଡ଼ିବାକୁ ହେଉଛି । ସୁତରାଂ ସମସ୍ତ ବସ୍ତୁ ଭଗବାନଙ୍କର ଜାଣି, ଭଗବାନଙ୍କର ସେବା ଭାବରେ କର୍ମ କରି ତାକୁ ଅର୍ପଣ କରିବା କେବଳ କଳ୍ପନା ନୁହେଁ, ଯଥାର୍ଥ ସତ୍ୟ ।

ପ୍ରାରମ୍ଭିକ ସମର୍ପଣ କ୍ରିୟାତ୍ମକରୂପେ ଆରମ୍ଭ ହୁଏ ମନ ଦ୍ୱାରା । ଏହି ସମର୍ପଣ କ୍ରମଶଃ ପରିଣତ ହେବାକୁ ଲାଗେ ଚେତନାରେ, ଅର୍ଥାତ୍ ସାଧକର ସମର୍ପଣ ଭାବ ଜାଗ୍ରତ୍ ହୁଏ ଚେତନାରେ । ଏହା ହେଲା ସମର୍ପଣର ପ୍ରଥମାବସ୍ଥା । ଦ୍ୱିତୀୟରେ ସାଧକ ଅନୁଭବ କରେ ତା' ମଧ୍ୟରେ ଭଗବାନଙ୍କ ଶକ୍ତି କାର୍ଯ୍ୟ କରି ଭଗବାନଙ୍କୁ ସମର୍ପଣ କରୁଛି, ସେ କେବଳ ଗୋଟିଏ ଯନ୍ତ୍ର । ତୃତୀୟ ଅବସ୍ଥାରେ ସେ ନିଜକୁ ଯନ୍ତ୍ର ବୋଲି ଅନୁଭବ କରେ ନାହିଁ, ସେ ସମସ୍ତ ସତ୍ତାରେ ଭଗବାନଙ୍କ ଚେତନା ସଙ୍ଗେ ଯୁକ୍ତ ରହେ, କିନ୍ତୁ କର୍ମ ସ୍ୱତଃ ହୋଇ ଚାଲିଥାଏ । ସମର୍ପଣର ଏହି ତିନୋଟି ଅବସ୍ଥା, ଠିକ୍ ଗୋଟିଏ ପୂର୍ଣ୍ଣ ହେଲେ ଅନ୍ୟଟି ଆସେ ଏପରି ନୁହେଁ । ପ୍ରଥମ ଅବସ୍ଥାରେ ଦ୍ୱିତୀୟ ଓ ତୃତୀୟ ଅବସ୍ଥା କେବେ କେବେ ଅନୁଭୂତ ହୁଏ । ପ୍ରଥମ ଅବସ୍ଥା ପୂର୍ଣ୍ଣ ହେବା ପୂର୍ବରୁ ସାଧକ ଦ୍ୱିତୀୟ ଓ ତୃତୀୟ ଅବସ୍ଥାରେ ବହୁତ ସମୟ ରହିପାରେ । ଫେର୍ ସାଧକ ଯେତେବେଳେ ଦ୍ୱିତୀୟ ଅଥବା ତୃତୀୟ ଅବସ୍ଥାରେ ଅଧିକ ସମୟ ରହିଥାଏ ସେତେବେଳେ କେବେ କେବେ ପ୍ରଥମ ଅବସ୍ଥାକୁ ବ୍ୟବହାର ମଧ୍ୟ କରେ । ପରିପୂର୍ଣ୍ଣ ସମର୍ପଣ ହେବା ପର୍ଯ୍ୟନ୍ତ କମ୍ ବା ବେଶୀ ପରିମାଣରେ ଏହି ତିନି ପ୍ରକାର ସମର୍ପଣ କ୍ରିୟା ଚାଲେ । ସମର୍ପଣ ସତ୍ତାର ଯେଉଁ ଭାଗରେ ଯେତେ ପରିମାଣରେ ହୁଏ, ଭାଗବତୀ ଶକ୍ତି ସେହି ଭାଗରେ ସେହି ଅନୁପାତରେ ସାଧକ ମଧ୍ୟରେ କ୍ରିୟା କରନ୍ତି, ସାଧନାର ଭାର ଗ୍ରହଣ କରନ୍ତି । ଯେତେବେଳେ ପରିପୂର୍ଣ୍ଣ ସମର୍ପଣ ହୋଇଯାଏ, ଲେଶମାତ୍ର ଅସମର୍ପିତ ହୋଇ କିଛି ରହେ ନାହିଁ, ସେତେବେଳେ ଭାଗବତୀ ଶକ୍ତି ସାଧକର ସମସ୍ତ ସାଧନାର ଭାର ଗ୍ରହଣ କରି ସାଧକ ମଧ୍ୟରେ ରୂପାନ୍ତରକ୍ରିୟା କରନ୍ତି । ସେତେବେଳେ ସାଧକ କେବଳ ଦ୍ରଷ୍ଟା ହୋଇ ରୂପାନ୍ତରକ୍ରିୟା ଦେଖେ ଏବଂ ଭାଗବତୀ ଅତିମାନସ ଶକ୍ତିଙ୍କ କ୍ରିୟାରେ ସମ୍ମତି ଦେଉଥାଏ । ମନ, ପ୍ରାଣ, ଶରୀରର ଯେଉଁ ପୂର୍ଣ୍ଣ ରୂପାନ୍ତର, ଏହା ସାଧାରଣ ବସ୍ତୁ ନୁହେଁ । ଏହାଦ୍ୱାରା ମନୁଷ୍ୟ ଦେବତ୍ୱରେ, ସଂସାର

ସ୍ୱର୍ଗରେ ପରିଣତ ହୁଏ । ଏହା ସାଧିତ ହୁଏ କେବଳ ଅତିମାନସ ଶକ୍ତି ଦ୍ୱାରା ସାଧକର ମନ, ପ୍ରାଣ, ଶରୀର ଦିବ୍ୟ ତତ୍ତ୍ୱରେ ରୂପାନ୍ତର ହେଲେ । ଏହି ଅତିମାନସ ଶକ୍ତିକୁ ଶ୍ରୀମା ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଅବତରଣ କରାଇ ଆଣିଛନ୍ତି । ଏହି ଲକ୍ଷ୍ୟସିଦ୍ଧି ନିମିତ୍ତ ଭାଗବତୀ ଶକ୍ତିଙ୍କ ସାହାଯ୍ୟରେ ସାଧକକୁ ବ୍ୟକ୍ତିଗତ ପ୍ରଚେଷ୍ଟାରେ କରିବାକୁ ହୁଏ ସମର୍ପଣ, ଅଭୀପ୍‌ସା ଏବଂ ଏହାର ପ୍ରତିକୂଳ ବସ୍ତୁ ଓ ପ୍ରତିକୂଳ ବୃତ୍ତିର ତ୍ୟାଗ । ଏହାର ସହାୟକ ଧ୍ୟାନ, ଏହିସବୁ ପ୍ରଯତ୍ନ ଦ୍ୱାରା ହୃଦସ୍ଥ ଅନ୍ତରାତ୍ମା (Psychic being)ର ଜାଗୃତି ଓ ଉର୍ଦ୍ଧ୍ୱରୁ ଭାଗବତୀ ଶକ୍ତିର ଅବତରଣ ହୁଏ । ଅନ୍ତରାତ୍ମା ସାଧକକୁ ଯଥାର୍ଥ ମାର୍ଗରେ ଲକ୍ଷ୍ୟ ଆଡ଼କୁ ପରିଚାଳିତ କରେ, ଭାଗବତୀ ଅତିମାନସ ଶକ୍ତି ରୂପାନ୍ତରକାର୍ଯ୍ୟ ସାଧନ କରେ । ଯଥାର୍ଥରେ ସାଧକ ମଧ୍ୟରେ ସାଧନା କରନ୍ତି ଅନ୍ତରାତ୍ମା ଏବଂ ଭାଗବତୀ ଅତିମାନସ ଶକ୍ତି । ସାଧକକୁ ବ୍ୟକ୍ତିଗତ ଭାବରେ ଯେଉଁ ପ୍ରାରମ୍ଭିକ ସମର୍ପଣ, ତ୍ୟାଗ, ଅଭୀପ୍‌ସା କରିବାକୁ ହୁଏ ତାହା କେବଳ ଭାଗବତୀ ଶକ୍ତିଙ୍କ କ୍ରିୟା ସକାଶେ ଭୂମିକା ତିଆରି, ଏହାଦ୍ୱାରା ତାଙ୍କ ଆଗମନର ମାର୍ଗ ନିର୍ମାଣ କରାହୁଏ । ଯଥାର୍ଥ ସମର୍ପଣ ଆଉ ଅଭୀପ୍‌ସା ହୁଏ ଅନ୍ତରାତ୍ମା ଜାଗ୍ରତ୍ ହେଲେ । ଏହିସବୁ ବିଷୟ ଶ୍ରୀଅରବିନ୍ଦଙ୍କ 'ଯୋଗ ଓ ସାଧନା' ବହିରେ ବିସ୍ତୃତଭାବେ ଆଲୋଚନା କରାହୋଇଛି ଏବଂ ଅନ୍ୟାନ୍ୟ 'ଲୋକ-ସାହିତ୍ୟ'ରେ ଆଲୋଚନା କରାହେବ । ଏଠାରେ କେବଳ ଆତ୍ମସମର୍ପଣ ଓ ସାଧନାରେ ବାଧାବିଘ୍ନ କାହିଁକି ଆସେ, ତାହାର ପରିହାର କିପରି କରିବାକୁ ହେବ, ଏହାହିଁ ଆଲୋଚ୍ୟ ବିଷୟ ।

## ବାଧାବିଘ୍ନ

ମା'ଙ୍କ ଚରଣରେ ନିଜକୁ ସମର୍ପଣ କରି ଭାଗବତୀ ଶକ୍ତିକୁ ସାଧନାର ଭାର ଦେଇଦେଲେ ସାଧକ ଏକେବାରେ ନିଶ୍ଚିନ୍ତ ହୋଇଯାଏ ନାହିଁ, ବାଧାବିପତ୍ତିର ସମ୍ମୁଖୀନ ନ ହୋଇ ସିଧାସଳଖ ସାଧନାର ରାଜମାର୍ଗରେ ଅବାଧରେ ଆଖି ବନ୍ଦ କରି ଚାଲେ ନାହିଁ; ଅଧ୍ୟାତ୍ମ ସତ୍ୟର ନିତ୍ୟ ନୂତନ ସୁସ୍ୱାଦୁ ରସାଳ ଫଳ ଆସ୍ୱାଦନ କରି ଆନନ୍ଦମଗ୍ନ ହୋଇ ଉନ୍ନତିର ଶିଖରରୁ ଉଚ୍ଚତର ଶିଖରରେ ଯାତ୍ରା କରେ ନାହିଁ । ପଥରେ ତାକୁ ପଦେ ପଦେ ବାଧାବିପତ୍ତି ସଙ୍ଗେ ଯୁଦ୍ଧ କରିବାକୁ ହୁଏ, ବିରୋଧୀ ଶକ୍ତିର ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ହୁଏ, କେବେ ସଫଳତାର ପୁଣି କେବେ ବିଫଳତାର ସମ୍ମୁଖୀନ ହୋଇ ଗତି କରିବାକୁ ହୁଏ ।

ହୃଦୟରେ ଧ୍ୟାନ ଅର୍ଥାତ୍ ଚେତନାକୁ ଏକାଗ୍ର କଲେ ଅଭୀପ୍‌ସା ଓ ସମର୍ପଣର ସାହାଯ୍ୟରେ ଅନ୍ତରାତ୍ମା ଜାଗ୍ରତ୍ ହୁଏ । ଅନ୍ତରାତ୍ମା ଜାଗ୍ରତ୍ ହେଲେ ସେ ଯଥାର୍ଥ ଅଭୀପ୍‌ସା ଓ ଯଥାର୍ଥ ସମର୍ପଣ କରେ । ଉର୍ଦ୍ଧ୍ୱରୁ ଭାଗବତୀ ଶକ୍ତି, ଭାଗବତୀ ଶକ୍ତିଙ୍କର ସ୍ୱରୂପ ଶାନ୍ତି, ଜ୍ୟୋତିଃ, ଆନନ୍ଦ, ଏକାଗ୍ରତା, ଜ୍ଞାନ, ଭକ୍ତିର ଅବତରଣ ସକାଶେ ହୃଦୟସ୍ଥ ଅନ୍ତରାତ୍ମା ଅଭୀପ୍‌ସା କରେ । ତାହାର ଉତ୍ତର ସ୍ୱରୂପ ଭାଗବତୀ ଶକ୍ତି ସାଧକର ଆଧାରରେ ଅବତରଣ କରେ । ସମର୍ପିତ ଅଙ୍ଗମାନଙ୍କରେ ଭାଗବତୀ ଶକ୍ତିର ରୂପାନ୍ତର କ୍ରିୟା ଆରମ୍ଭ ହେଲେ ମନୁଷ୍ୟର ଅନାଦି କାଳର ସ୍ୱଭାବ, ମନ-ପ୍ରାଣ-ଶରୀରର ବିଭିନ୍ନ ଭାଗ, କାମ, କ୍ରୋଧ, ମୋହ, ମଦ, ମତ୍ସର, ଈର୍ଷା, ବିରୋଧ, ହିଂସା, ଦ୍ୱେଷ, ସ୍ୱାର୍ଥ, ଅହଂ, ରୋଗ, ଜରା, ମୃତ୍ୟୁ ଆଦି ବିଦ୍ରୋହ କରନ୍ତି । ସେସବୁ ଅନ୍ଧକାର ଅଭାଗବତୀ ଶକ୍ତିର ଭୃତ୍ୟ । ସେମାନେ ବରାବର ମନୁଷ୍ୟର ପ୍ରଭୁ ହୋଇ ଇଚ୍ଛାନୁସାରେ ନିଜ ନିଜ ଭୋଗ-ବାସନା ପୂର୍ଣ୍ଣ କରିବାକୁ ମନୁଷ୍ୟକୁ ପ୍ରେରଣା ଦେଇ ତାକୁ ନିଜ ଯନ୍ତ୍ରରୂପେ ବ୍ୟବହାର କରି ଆସିଛନ୍ତି । ମନୁଷ୍ୟର ବଶ ହେବା ଏବଂ ଜ୍ଞାନ, ଜ୍ୟୋତିଃକୁ ସ୍ୱୀକାର କରିବା ସେମାନଙ୍କର ଅଭିପ୍ରାୟ ନୁହେଁ । ଏହି କାରଣରୁ ଏହିସବୁ ରୂପାନ୍ତରବିରୋଧୀ କାମକ୍ରୋଧାଦି କେବେ କେବେ ନିଜର ଅନୁକୂଳ ସମୟରେ ସାଧକକୁ ପ୍ରକାଶ୍ୟ ଭାବରେ ଆକ୍ରମଣ କରି ସାଧନାମାର୍ଗରୁ ବିଚଳିତ କରିବାକୁ ଚେଷ୍ଟା କରନ୍ତି, ଅଥବା ଅପ୍ରକାଶ୍ୟ ଛଦ୍ମରୂପରେ ମିତ୍ରରୂପ ଧାରଣ କରି ନାନାପ୍ରକାର ଯୁକ୍ତିଯୁକ୍ତ ପରାମର୍ଶ ଦେଇ ସାଧକକୁ ବିଚଳିତ କରିବାକୁ ପ୍ରଯତ୍ନ କରୁଥାଆନ୍ତି । ସାଧକର ଯଦି କେନ୍ଦ୍ରୀୟ ସଂକଳ୍ପରେ ତ୍ରୁଟି ଥାଏ, ସେ ଯଦି ସଜାଗ ହୋଇ ମା'ଙ୍କ ଉପରେ ନିର୍ଭର କରିପାରେ ନାହିଁ, ତେବେ ଏମାନେ ସାଧକର ସାଧନାରେ ବାଧାବିଘ୍ନ ଉପସ୍ଥାପିତ କରି ତା'ର ମାର୍ଗକୁ ଜଟିଳ

କଷ୍ଟପ୍ରଦ ଆଉ ସୁଦୀର୍ଘ କରିପାରନ୍ତି, ଅର୍ଥାତ୍ ଲକ୍ଷ୍ୟପ୍ରାପ୍ତିରେ ବିଳମ୍ବ ଘଟାନ୍ତି । ସାଧକ ମଧ୍ୟରେ କପଟତା ଥିଲେ ଓ ନିଜର ଅହଂକାର, କାମନା-ବାସନା ପୂର୍ଣ୍ଣ କରିବାକୁ ଯୋଗ ସାଧନାରେ ପ୍ରବୃତ୍ତ ହୋଇଥିଲେ, ତାକୁ ଏହି ବିରୋଧୀ ଶକ୍ତିମାନେ ସାଧନାମାର୍ଗରୁ ଦୂରକୁ ଟାଣିନେଇ ପାରନ୍ତି ।

କିନ୍ତୁ ଯେଉଁମାନେ ମା'ଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ରଖି ନିର୍ଭରଶୀଳ ରହନ୍ତି, ଯେଉଁମାନଙ୍କର କେନ୍ଦ୍ରୀୟ ସଂକଳ୍ପ ଥାଏ ନିଷ୍କପଟ, ସେମାନଙ୍କୁ ମଧ୍ୟ ଏମାନେ ଆକ୍ରମଣ କରନ୍ତି । ସୁତରାଂ ଏମାନଙ୍କ ଆକ୍ରମଣରେ ସାଧକ ବହୁତ ଶୀଘ୍ର ସାଧନା ମାର୍ଗରେ ଅଗ୍ରସର ହୁଏ, ଏମାନଙ୍କ ସମ୍ମୁଖୀନ ହେବାର ଶକ୍ତି, ଏମାନଙ୍କ ଛଦ୍ମରୂପ, କପଟ ଯୁକ୍ତି ବୁଝିପାରିବାକୁ ଜ୍ଞାନ, ଏମାନଙ୍କ ପ୍ରହାର ସହ୍ୟ କରିବାକୁ ଧୈର୍ଯ୍ୟ ମା'ଙ୍କଠାରୁ ପାଏ । ପୁରାତନ ଯୋଗ ସଦୃଶ କାମକ୍ରୋଧାଦି ଶତ୍ରୁଙ୍କଠାରୁ ପୃଥକ୍ ହୋଇ ସାଧନା କରି ବ୍ୟକ୍ତିଗତ ମୁକ୍ତି ପ୍ରାପ୍ତ କରିବା ଏ ଯୋଗର ଉଦ୍ଦେଶ୍ୟ ନୁହେଁ; ସମସ୍ତ ପ୍ରତିକୂଳ ଶକ୍ତିର ରୂପାନ୍ତର କରି ସଂସାରରେ ସ୍ୱର୍ଗରାଜ୍ୟ ପ୍ରତିଷ୍ଠା କରିବା ଏହାର ଲକ୍ଷ୍ୟ । ଏହିସବୁ ପ୍ରତିକୂଳ ଶକ୍ତିକୁ ରୂପାନ୍ତର କରିବା ଦୂରେଥାଉ ଏମାନଙ୍କର ସମ୍ମୁଖୀନ ହେବା, ସାଧକର ଶକ୍ତି, ସାଧକର କୌଣସି ଯୌଗିକ କ୍ରିୟାର ସାମର୍ଥ୍ୟର ବାହାରେ । ସେଥିପାଇଁ ଏ ଯୋଗର ରକ୍ଷାକବଚ, ରହସ୍ୟର ଚାବି ହେଉଛି ମା'ଙ୍କ ଉପରେ ଛୋଟ ଶିଶୁ ସଦୃଶ ପୂର୍ଣ୍ଣ ନିର୍ଭରତା ଏବଂ ତାଙ୍କ ଉପରେ ବିଶ୍ୱାସ ରଖିବା । ସାଧକ ଏତିକି କଲେ ମାତୃଶକ୍ତି ସାଧକକୁ ଶିଶୁ ସଦୃଶ ନିଜ କୋଳରେ ନେଇ ସମସ୍ତ ବାଧାବିପତ୍ତିରୁ ପାର କରି ଲକ୍ଷ୍ୟରେ ପହଞ୍ଚାଇ ଦେବେ । ମା'ଙ୍କ ଛଡ଼ା କୌଣସି ଯୌଗିକ କ୍ରିୟା ଦ୍ୱାରା ପୂର୍ଣ୍ଣ ରୂପାନ୍ତର ସମ୍ଭବ ନୁହେଁ, ଯଦି ସମ୍ଭବ ହୋଇଥା'ନ୍ତା ତେବେ ଆଜି ଆମ୍ଭେମାନେ ଏହି ପୃଥିବୀରେ ଅତିମାନବ ଜାତି ଦେଖିଥାନ୍ତୁ । ଏହି କାରଣରୁ ଏହି ଯୋଗରେ ସମର୍ପଣ କେବଳ ଆବଶ୍ୟକ ନୁହେଁ ଅପରିହାର୍ଯ୍ୟ । ସାଧକ ଯେକୌଣସିମତେ ଅଧ୍ୟାତ୍ମ ମାର୍ଗରେ ପ୍ରବେଶ କଲେ ତା'ର ଅନ୍ତିମ କଲ୍ୟାଣ ସୁନିଶ୍ଚିତ । ତା'ର ଯଦି ପତନ ହୁଏ ତେବେ ସେଥିରୁ ଉତ୍‌ଥାନ ହୋଇ ପୁନରାୟ ସତ୍ୟମାର୍ଗରେ ଆରୋହଣ କରେ । ପୁଣ୍ୟ, ପାପ ଦ୍ୱାରା ନଷ୍ଟ ହୁଏ କିନ୍ତୁ ଅଧ୍ୟାତ୍ମ ସତ୍ୟ କୌଣସି ପ୍ରକାରେ ପାପ ଦ୍ୱାରା ନଷ୍ଟ ହୁଏ ନାହିଁ । ଅଧ୍ୟାତ୍ମ ସାଧକ ଦ୍ୱାରା ଅନୁଚିତ କାର୍ଯ୍ୟ ହେଲେ, ପାପ କର୍ମ ହେଲେ ସେ ସାଧାରଣ ବ୍ୟକ୍ତିଠାରୁ ବହୁତ ଗୁଣରେ ଦଣ୍ଡ ପାଏ । ସାଧକକୁ ସାଧାରଣ ବ୍ୟକ୍ତିଙ୍କ ପରି ଦୁଷ୍କର୍ମର ଫଳ ପରେ ଭୋଗ କରିବା ସକାଶେ ଅପେକ୍ଷା କରିବାକୁ ହୁଏ ନାହିଁ । ଯେ ଯେତେ ଉନ୍ନତ ସାଧକ ସେ ସେତେ ଶୀଘ୍ର ଦୁଷ୍କର୍ମର ସଦ୍ୟ କୁଫଳ ସାଧାରଣ ବ୍ୟକ୍ତି ଅପେକ୍ଷା ଅଧିକ ପରିମାଣରେ ଭୋଗ କରେ । କାରଣ ସାଧାରଣ ବ୍ୟକ୍ତିର ଦୁଷ୍କର୍ମର ଫଳ ଦୁଃଖ, ଦ୍ୱନ୍ଦ୍ୱ ଭୋଗିବା ସ୍ୱଭାବରେ ପରିଣତ ହୋଇ ଯାଇଥାଏ, ସେ ତାକୁ ଜୀବନର ଗୋଟିଏ ଅପରିହାର୍ଯ୍ୟ ଅବସ୍ଥା ବୋଲି ମାନି ନେଇଥାଏ, ସେଥିଯୋଗୁଁ ସେ ସେଥିରେ ଅଧିକ କଷ୍ଟ ପାଏ ନାହିଁ । ସାଧକର ହୃଦୟ ଶୁଦ୍ଧ ଥାଏ, କର୍ମ ଏବଂ କର୍ମର କୁପରିଣାମର ଜ୍ଞାନ ଥାଏ, ସେ ଅଧିକ ସମୟ ଭାଗବତ ଆନନ୍ଦ, ଶାନ୍ତି, ସମତାରେ ବାସ କରୁଥାଏ; ଏଣୁ ସେ ସେହି ଅବସ୍ଥାରୁ ପତିତ ହୋଇ ପ୍ରତିକୂଳ ଅବସ୍ଥାରେ ପଡ଼ି ଦୁଃଖ କଷ୍ଟ ଭୋଗିବାରେ ତାକୁ ସାଧାରଣ ବ୍ୟକ୍ତିଠାରୁ ଅଧିକ କଷ୍ଟ ହୁଏ । ଯେପରି କୃଷକ ଜ୍ୟେଷ୍ଠମାସ ଖରାରେ କଠୋର ପରିଶ୍ରମ କରି ପରିଶ୍ରାନ୍ତ ହୁଏ ନାହିଁ, କିନ୍ତୁ ଛାଇତଳର ଲୋକ, ମୋଟରରେ ଭ୍ରମଣ କରିବା ବାବୁମାନଙ୍କୁ ଯଦି ଜ୍ୟେଷ୍ଠମାସ ଖରାରେ ଦିନେ କାମ କରିବାକୁ ପଡ଼େ ତେବେ ତାଙ୍କର ଉର୍ଦ୍ଧ୍ୱଶ୍ୱାସ ବହେ, ଠିକ୍ ସେହିପରି ଅଧ୍ୟାତ୍ମ ସାଧକ ।

## ଚୈତ୍ୟସତ୍ତା, ମନ, ପ୍ରାଣ ଓ ଶରୀରର କ୍ରିୟା

ମନୁଷ୍ୟ ମଧ୍ୟରେ ପ୍ରଧାନତଃ ଚାରିଟି ସତ୍ତା, ଯଥା – ମନ, ପ୍ରାଣ, ଶରୀର ଏବଂ ଅନ୍ତରାତ୍ମା । ଏହି ସମସ୍ତ ଆସିଛନ୍ତି ଭଗବାନଙ୍କ ଚିନ୍ମୟ ତତ୍ତ୍ୱରୁ । ଏଠାକୁ ଆସି ମନ, ପ୍ରାଣ, ଶରୀର ବିକୃତ ହୋଇ ଯାଇଛନ୍ତି । ଅନ୍ତରାତ୍ମା ବିକୃତ ନ ହୋଇ ନିଜର ମୂଳ ଚିନ୍ମୟ ତତ୍ତ୍ୱରେ ବିଦ୍ୟମାନ ରହି ମନ, ପ୍ରାଣ ଓ ଶରୀରକୁ ଧାରଣ କରିଛି । ଏହି ଅନ୍ତରାତ୍ମା ଶରୀରତ୍ୟାଗ କଲେ ବ୍ୟକ୍ତିର ମୃତ୍ୟୁ ହୁଏ । ମନ, ପ୍ରାଣ, ଶରୀରର ମୂଳ ତତ୍ତ୍ୱ ଚିନ୍ମୟ ହେଲେ ମଧ୍ୟ ସେହିସବୁ ବିକୃତ

ହୋଇ ଅଜ୍ଞାନ, ଅନ୍ଧକାର, ମୋହ-ଆସକ୍ତିରେ ପଡ଼ି ନିଜର ସ୍ୱରୂପକୁ ଭୁଲି ଯାଇଛନ୍ତି । ଅନ୍ତରାତ୍ମା ବିକୃତ ହୋଇ ନ ଥିବାରୁ ତାହାର ଜ୍ଞାନ ଜାଗ୍ରତ୍ ଥାଏ । ଏହି ପୃଥିବୀରେ ଭଗବାନଙ୍କୁ ପ୍ରକଟ କରିବା ଉଦ୍ଦେଶ୍ୟ ଭୁଲି ନ ଥିବାରୁ ପରମାନନ୍ଦସ୍ୱରୂପ ଭଗବାନଙ୍କୁ ପ୍ରାପ୍ତ କରିବାକୁ ସେ ବରାବର ଅଭୀପ୍‌ସା କରୁଥାଏ । ଏହି ଅଭୀପ୍‌ସା ତା'ର ସ୍ୱତଃ କ୍ରିୟାଶୀଳ ହୁଏ ନାହିଁ, ହୁଏ କେବଳ ମନ, ପ୍ରାଣ, ଶରୀର ଦ୍ୱାରା । ଅନ୍ତରାତ୍ମାର ଯେଉଁ ଭଗବତ୍ ରୂପ, 'ପରମାନନ୍ଦ' ପ୍ରାପ୍ତିର ଅଭୀପ୍‌ସା ତାହା ମନ, ପ୍ରାଣ, ଶରୀରରେ ପ୍ରାପ୍ତ ହେବା ମାତ୍ରେ, ସ୍ୱଚ୍ଛ ଜ୍ୟୋତିଃ କାଚର ରଙ୍ଗ ଅନୁସାରେ ଓ ସ୍ୱଚ୍ଛ ଜଳ ସ୍ଥାନ ଅନୁସାରେ ଯେପରି ବିକୃତ ହୁଅନ୍ତି ସେ ମଧ୍ୟ ସେହିପରି ବିକୃତ ହୋଇଯାଏ । ସେହି କାରଣରୁ ସେହି ଶୁଦ୍ଧ ଆନନ୍ଦଙ୍କୁ ମନ, ପ୍ରାଣ, ଶରୀର ଖୋଜନ୍ତି ସଂସାର ବିଷୟରେ, ସ୍ତ୍ରୀ, ପୁତ୍ର, ସ୍ୱାର୍ଥସିଦ୍ଧି, ଯଶଃ, ପଦମର୍ଯ୍ୟାଦାରେ । ଅଜ୍ଞାନ ଅବସ୍ଥାରେ ଶରୀରର ନେତା ହୁଅନ୍ତି ମନ ଓ ପ୍ରାଣ । ଆତ୍ମା ଏସବୁର ପଶ୍ଚାତରେ ଥାଏ । କେବେ କେବେ ଭଗବାନ୍ ଦୟାକରି ଅହେତୁକୀ କୃପାର ବଶବର୍ତ୍ତୀ ହୋଇ ଅନ୍ତରାତ୍ମାକୁ ବ୍ୟକ୍ତିର ମନ, ପ୍ରାଣ ପଶ୍ଚାତ୍‌ରୁ ସମ୍ମୁଖକୁ ଘେନି ଆସନ୍ତି । ସେ ସମ୍ମୁଖକୁ ଆସିବା ମାତ୍ରେ ପରମାନନ୍ଦସ୍ୱରୂପ ଭଗବତ୍ ପ୍ରାପ୍ତିର ଦୃଢ଼ସଂକଳ୍ପ କରେ । ମନ ଓ ପ୍ରାଣ ବିଷୟରେ ଆସକ୍ତ ଥିବା ସତ୍ତ୍ୱେ ସେସବୁ ବାଧ ହୋଇ ଅନ୍ତରାତ୍ମାର କେନ୍ଦ୍ରୀୟ ସଂକଳ୍ପ ମାନିନିଅନ୍ତି । ବ୍ୟକ୍ତି ଭଗବତ୍ ମାର୍ଗରେ ଯାତ୍ରା କରିବାକୁ ତତ୍ପର ହୋଇଯାଏ, କିନ୍ତୁ ସେତେବେଳେ ଅନ୍ତରାତ୍ମା ଶରୀରର ନେତା ନ ଥାଏ । କେବଳ ବ୍ୟକ୍ତିକୁ ଭଗବଦଭିମୁଖୀ କରାଇବା ସକାଶେ ତାକୁ ଭଗବାନ୍ ସମ୍ମୁଖକୁ ଆଣିଥା'ନ୍ତି । ତା' କାମ ଶେଷ ହୋଇଯିବା ମାତ୍ରେ ସେ ପୁନରାୟ ପଶ୍ଚାତକୁ ଚାଲିଯାଏ; ମନ, ପ୍ରାଣ ପୁନର୍ବାର ନେତୃସ୍ଥାନ ଅଧିକାର କରନ୍ତି ।

ବ୍ୟକ୍ତିର ଅନ୍ତରାତ୍ମା (Psychic being) ଜାଗ୍ରତ୍ ହୋଇ ନିଜ ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ଉଦ୍ଦେଶ୍ୟରେ ନିଜକୁ ଭଗବାନଙ୍କ ଚରଣରେ ସମର୍ପଣ କରିଦେବା ହେଲା କେନ୍ଦ୍ରୀୟ ସଂକଳ୍ପ । ଏହି ସଂକଳ୍ପରେ ଯଦି ମାନସିକ, ପ୍ରାଣିକ କୌଣସି ସାଂସାରିକ କାମନା, ବାସନା ମିଶ୍ରିତ ନ ଥାଏ ତେବେ ଏହାକୁ ନିଷ୍କପଟ କେନ୍ଦ୍ରୀୟ ସଂକଳ୍ପ ଅଥବା ନିଷ୍କପଟ କେନ୍ଦ୍ରୀୟ ସମର୍ପଣ କୁହାଯାଏ । ଏହି ପ୍ରାଥମିକ ନିଷ୍କପଟ କେନ୍ଦ୍ରୀୟ ସଂକଳ୍ପ ସଙ୍ଗେ ସଙ୍ଗେ ପ୍ରାଣିକ, ମାନସିକ ଅବସ୍ଥିତ ସ୍ଥୂଳ କାମନାବାସନାର ଭୋଗ ତ୍ୟାଗ ହୋଇଯାଏ, ଭୋଗର ଲାଳସା ମଧ୍ୟ ସମର୍ପଣର ଉନ୍ନତିର ଅନୁପାତରେ ଦୂର ହୁଏ । କିନ୍ତୁ ଅବାଞ୍ଛିତ ବସ୍ତୁରେ ଆସକ୍ତି ବହୁଦିନ ପର୍ଯ୍ୟନ୍ତ ରହେ । ଭୋଗ୍ୟବସ୍ତୁ ଅବାଞ୍ଛିତ ଜାଣି ତା'ର ସ୍ଥୂଳ କ୍ରିୟା ତ୍ୟାଗ କରା ହେବା ପରେ ସୂକ୍ଷ୍ମରୂପେ ଚାହିଁବାର ଲାଳସା ବାକି ରହେ । ଏହି ସୂକ୍ଷ୍ମରୂପେ ଚାହିଁବା ତ୍ୟାଗ ହେବା ପରେ ସେହି ବସ୍ତୁ ପ୍ରତି ସ୍ନେହ ରହିବାର ଅର୍ଥ ଆସକ୍ତି, ଏହା ବହୁତ ଦିନ ପର୍ଯ୍ୟନ୍ତ ରହେ । ଲାଳସା ଓ ଆସକ୍ତି ମଧ୍ୟରେ ପ୍ରଭେଦ ହେଲା – ଲାଳସାରେ ଭୋଗବାସନା ଥାଏ, ଆସକ୍ତିରେ ତାହା ନ ଥାଏ । ଲାଳସା ଅବସ୍ଥାରେ ଭୋଗ୍ୟବସ୍ତୁ ପ୍ରାପ୍ତ ହେଲେ ବ୍ୟକ୍ତି ଗ୍ରହଣ କରିପାରେ କିନ୍ତୁ ଆସକ୍ତି ଅବସ୍ଥାରେ ଭୋଗ୍ୟବସ୍ତୁ ପ୍ରାପ୍ତ ହେଲେ ସେ ଗ୍ରହଣ କରେ ନାହିଁ । ଯେପରି ୫୦ ବର୍ଷ ପୂର୍ବର ଶ୍ରୋତ୍ରୀୟ ଧର୍ମନିଷ୍ଠ ସଦାଚାରୀ କ୍ଷୁଧାର୍ତ୍ତ ବ୍ରାହ୍ମଣ ଅଥବା କର୍ମକାଣ୍ଡନିଷ୍ଠ କ୍ଷୁଧାର୍ତ୍ତ ବୈଷ୍ଣବମାନଙ୍କୁ ଅନ୍ତ୍ୟଜ-ସ୍ପୃଶ୍ୟ ନାନାବିଧ ମିଷ୍ଟାନ୍ନ ପ୍ରାପ୍ତ ହେଲେ, ସେମାନଙ୍କ ଭୋଜନ ପ୍ରତି ଆସକ୍ତି ଥିବାସତ୍ତ୍ୱେ ଅସ୍ପୃଶ୍ୟ ବ୍ୟକ୍ତିର ହସ୍ତ ଲାଗିଥିବାରୁ ତାହା ସେମାନେ ଗ୍ରହଣ କରନ୍ତି ନାହିଁ, ଠିକ୍ ସେହିପରି ଆସକ୍ତି । କିନ୍ତୁ ଆସକ୍ତି ଯେପର୍ଯ୍ୟନ୍ତ ରୂପାନ୍ତର ନ ହୋଇଥାଏ ସେପର୍ଯ୍ୟନ୍ତ ଆସକ୍ତି ଦ୍ୱାରା ବିରୋଧୀ ଶକ୍ତି ଆକ୍ରମଣ କରି ସାଧକର ପତନ କରାଇ ପାରନ୍ତି ।

## ଚାରି ପ୍ରକାର ଭକ୍ତ

ଅନ୍ତରାତ୍ମା ଜାଗ୍ରତ୍ ହୋଇ ମନ-ପ୍ରାଣର କ୍ରିୟାକୁ ସ୍ଥଗିତ କରି ଯେତେବେଳେ ସାମନାକୁ ଆସେ ସେତେବେଳେହିଁ ସେ ଭଗବତ୍ ଚରଣରେ ନିଜକୁ ନିବେଦନ କରିଦିଏ, ଆଉ ଭଗବାନ୍ ତା'ର ସମର୍ପଣକୁ ସ୍ୱୀକାର କରିନିଅନ୍ତି । ଏହି ଅନ୍ତରାତ୍ମା ଦ୍ୱାରା ଭଗବତ୍ ଚରଣରେ ଯେଉଁ ସମର୍ପଣ, ତାହାର ଅର୍ଥ ଜୀବ ଭଗବତ୍ ଅଭିମୁଖୀ ହେବା ଅର୍ଥାତ୍ ଭଗବତ୍ ପ୍ରାପ୍ତି ମାର୍ଗରେ ଯାତ୍ରା ଆରମ୍ଭ କରିବା । ଏହାକୁ କେନ୍ଦ୍ରୀୟ ସମର୍ପଣ ବା କେନ୍ଦ୍ରୀୟ ସଂକଳ୍ପ କୁହାଯାଇପାରେ । ଏହା ହୁଏ

ଭଗବାନଙ୍କର ଅହେତୁକୀ କୃପାରେ ଅନ୍ତରାତ୍ମା ଜାଗ୍ରତ୍ ହେଲେ । ଏହି ଜାଗରଣ ଚାରୋଟି ଅବସ୍ଥାରେ ହୁଏ । କୌଣସି ବ୍ୟକ୍ତି ବିପଦରୁ ଉଦ୍ଧାର ହେବାକୁ, କେହି ରୋଗରୁ ମୁକ୍ତ ହେବାକୁ, କେହି ଶାସ୍ତ୍ର ରହସ୍ୟ, ଭଗବତ୍ ରହସ୍ୟ ଜାଣିବାକୁ, କେହି ସ୍ୱାର୍ଥସିଦ୍ଧି, ଧନ, ମାନ, ଯଶଃ ପ୍ରାପ୍ତି କରିବାକୁ ଏବଂ କେହି ଜୀବନର ଉଦ୍ଦେଶ୍ୟ କେବଳ ଭଗବତ୍ ପ୍ରାପ୍ତି ଜାଣି ବ୍ୟାକୁଳ ହୋଇ ପଡ଼ିଲେ ସେମାନଙ୍କର ମନ, ପ୍ରାଣର କ୍ରିୟା ସ୍ଥଗିତ ହୋଇଯାଏ । ଏହି ଅବସ୍ଥାରେ ଭଗବାନ୍ ଦୟାକରି ସେମାନଙ୍କର ଅନ୍ତରାତ୍ମାକୁ ଜାଗ୍ରତ୍ କରିଦିଅନ୍ତି, ତେବେ ସେମାନେ ଭଗବାନଙ୍କ ଚରଣରେ ନିଜକୁ ସମର୍ପଣ କରନ୍ତି । ଏହି ଚାରି ପ୍ରକାର ଅବସ୍ଥାକୁ ଶ୍ରୀମଦ୍‌ଭଗବତ୍ ଗୀତାରେ କୁହାହୋଇଛି –

'ଆର୍ତ୍ତୋ ଜିଜ୍ଞାସୁରର୍ଥାର୍ଥୀ ଜ୍ଞାନୀ ଚ ଭରତର୍ଷଭ'

(୧) **ଆର୍ତ୍ତ ଭକ୍ତ** : ବ୍ୟକ୍ତିର ଧନ ନଷ୍ଟ ହେଲେ, ସେ ଅସମ୍ମାନିତ ହେଲେ, ରୋଗରେ ପୀଡ଼ିତ ହେଲେ, ଶତ୍ରୁ ପ୍ରବଳ ହେଲେ ସେ ବ୍ୟାକୁଳ ହୋଇ ପଡ଼େ । କୌଣସି ଆଶା ଭରସା ନ ଦେଖି ଅସହାୟ ମନେକରେ । ଏହି ଅବସ୍ଥାରେ ଏମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତିକୁ ଭଗବାନ୍ ଅହେତୁକୀ କୃପା କରି ତା'ର ଅନ୍ତରାତ୍ମାକୁ ସମ୍ମୁଖକୁ ଆଣନ୍ତି । ଅନ୍ତରାତ୍ମାର ଜ୍ଞାନ ଥାଏ ଅବିକୃତ; ସେ ଲକ୍ଷ୍ୟ ସମ୍ବନ୍ଧରେ ସର୍ବଦା ସଚେତ ଥାଏ । ସେ ନିଜକୁ ଭଗବତ୍ ଚରଣରେ ସମର୍ପଣ କରିଦିଏ । ଭଗବାନ୍ ତାକୁ ସ୍ୱୀକାର କରି ନିଅନ୍ତି । ଏହି ହେଲା ଅନ୍ତରାତ୍ମାର କେନ୍ଦ୍ରୀୟ ସମର୍ପଣ । ବ୍ୟକ୍ତିର ଦୁଃଖ ଦୂର ହେଉ ବା ନ ହେଉ ସେ ଭଗବଦଭିମୁଖୀ ହୋଇ ଭଗବତ୍ ପ୍ରାପ୍ତି ଉଦ୍ଦେଶ୍ୟରେ ଯାତ୍ରା କରେ । କିନ୍ତୁ ବ୍ୟକ୍ତିସତ୍ତା ସେତେବେଳେ ପର୍ଯ୍ୟାପ୍ତ ଶୁଦ୍ଧ ହୋଇ ନ ଥାଏ । ତେଣୁ ଅନ୍ତରାତ୍ମା ଜାଗ୍ରତ୍ ହୋଇ ସମ୍ମୁଖରେ ରହି ସାଧକକୁ ପରିଚାଳିତ କରିପାରେ ନାହିଁ, ପୂର୍ବପରି ପଶ୍ଚାତକୁ ଚାଲିଯାଏ, ପୁନରାୟ ମନ, ପ୍ରାଣ ସମ୍ମୁଖକୁ ଆସି ନିଜ ନିଜ ନେତୃସ୍ଥାନ ଅଧିକାର କରି ବ୍ୟକ୍ତିକୁ ପରିଚାଳିତ କରନ୍ତି ।

ବ୍ୟକ୍ତି ମଧ୍ୟରେ ଯେଉଁ ଅନ୍ଧକାର ଅଜ୍ଞାନ ଶକ୍ତିର ଯନ୍ତ୍ର ଅଶୁଦ୍ଧ ମନ, ପ୍ରାଣ ଯାହାର ସାଂସାରିକ ଭୋଗ, କାମନା, ବାସନା ତୃପ୍ତି ପ୍ରତି ଆସକ୍ତି, ସେହି ମନ, ପ୍ରାଣ ବ୍ୟକ୍ତି ସମ୍ମୁଖରେ ବହୁତ ପ୍ରକାର ଯୁକ୍ତିଯୁକ୍ତ ପରାମର୍ଶ ଦେଇ ଭଗବତ୍ ମାର୍ଗରୁ ବିରତ କରିବାକୁ ଚେଷ୍ଟା କରନ୍ତି । ସେସବୁ କହନ୍ତି – ଏହି ଯେଉଁ ବିପଦରୁ ରକ୍ଷା, ଦୁଃଖ, ଦ୍ୱନ୍ଦ୍ୱରୁ ମୁକ୍ତି, ଏଥିରେ ଭଗବାନଙ୍କର କୃପା କାହିଁକି ହେବ, ଅମୁକ କାରଣରୁ ଏହା ହେଲା । ବ୍ୟକ୍ତି ଯଦି ଅଧିକ ସଚେତ ଓ ସାବଧାନ ନ ଥାଏ, ପାରିପାର୍ଶ୍ୱିକ ଅବସ୍ଥା, ସାଙ୍ଗସାଥୀ ବିପରୀତ ଥାଆନ୍ତି ଏବଂ ଭଗବତ୍ କୃପାର ପ୍ରତିକୂଳ ପରାମର୍ଶ ସେମାନେ ଦେଇଥାଆନ୍ତି ତେବେ ସେ କିଛିଦିନ ପାଇଁ ଥରେ ଭଗବଦଭିମୁଖୀ ହୋଇପାରେ ଅଥବା କେତେଥର ଭଗବତ୍ ମାର୍ଗରୁ ବିଚଳିତ ହୋଇପାରେ । କିନ୍ତୁ ଭଗବାନ୍ ବ୍ୟକ୍ତିକୁ ଥରେ ସ୍ୱୀକାର କରିନେବା ପରେ ବ୍ୟକ୍ତି ଭଗବାନଙ୍କୁ ତ୍ୟାଗ କଲେ ମଧ ଭଗବାନ୍ ତାକୁ କେବେ ବି ତ୍ୟାଗ କରନ୍ତି ନାହିଁ । ବ୍ୟକ୍ତିର ବୁଦ୍ଧି ମୋହଗ୍ରସ୍ତ ହେଲେ ସେ ଭଗବତ୍‌ବିମୁଖ ହୋଇ ଅସତ୍ ମାର୍ଗରେ ଯାଏ । ତା'ର ପରିଣାମ ସ୍ୱରୂପ ପୁନରାୟ ପୂର୍ବାପେକ୍ଷା ଅଧିକ ପରିମାଣରେ ତା' ଉପରେ ବିପଦ ଆସେ । ଏହି ବିପଦରେ ଭଗବାନ୍ ପୁନଃ ଅନ୍ତରାତ୍ମାକୁ ଜାଗ୍ରତ୍ କରାଇ ଦିଅନ୍ତି । ବ୍ୟକ୍ତି ସଚେତ ହୋଇ ନିଜ କୃତକର୍ମ ସକାଶେ ପଶ୍ଚାତ୍ତାପ କରେ ଏବଂ ଭଗବତ୍ ସାହାଯ୍ୟରେ ଚାଲେ । ଆର୍ତ୍ତଭକ୍ତ ସଚେତ ଥିଲେ ପ୍ରଥମ ସମର୍ପଣରୁ ସିଧା ସିଧା ଭଗବତ୍ ମାର୍ଗରେ ଯାତ୍ରା କରେ, ମାର୍ଗଭ୍ରଷ୍ଟ ହୁଏ ନାହିଁ । ଅସାବଧାନତା ଯୋଗୁଁ ପ୍ରତିକୂଳ ଅବସ୍ଥା ଗ୍ରହଣ କଲେ ବ୍ୟକ୍ତି ବାରଂବାର ବିପଦର ସମ୍ମୁଖୀନ ହୁଏ ଏବଂ ସେଥିରୁ ଉଦ୍ଧାର ପାଇବାରେ ଭଗବତ୍ ଅନୁକମ୍ପା ଅନୁଭବ କରେ । ଏହିପରି ଘଟନାରେ ତା'ର ଚିତ୍ତଶୁଦ୍ଧି ହେଲେ ଶେଷରେ ସେ ସାବଧାନ ହୋଇ ଭଗବତ୍ ମାର୍ଗରେ ଦୃଢ଼ତାପୂର୍ବକ ଯାତ୍ରା କରେ, ଆଉ ବିମୁଖ ହୁଏ ନାହିଁ । ଭଗବାନ୍ ଯାହାକୁ ଥରେ ସ୍ୱୀକାର କରି ନିଅନ୍ତି, ତା'ର ସାମୟିକ ଅପରାଧ ଯୋଗୁଁ ତାକୁ ତ୍ୟାଗ କରନ୍ତି ନାହିଁ । ତା'ର ଅପରାଧ ହେଲେ ସେ ଦଣ୍ଡ ପାଏ, ପୁନରାୟ ଭଗବାନ୍ ସ୍ୱୀକାର କରି ନିଅନ୍ତି । ଯେଉଁମାନେ ଭଗବାନଙ୍କ କୃପା ପ୍ରାପ୍ତ କରି ନ ଥା'ନ୍ତି, ଯେଉଁମାନଙ୍କ ଅନ୍ତରାତ୍ମା ଜାଗ୍ରତ୍ ହୋଇ ନ ଥାଏ,

ସେମାନେ ବିପଦରେ ପଡ଼ି କାହାରି ପରାମର୍ଶରେ ଅଥବା କୌଣସି ଭକ୍ତର ପ୍ରଭାବରେ ଭଗବାନଙ୍କୁ ଡାକନ୍ତି, ମା'ଙ୍କ ପାଖରୁ ଆଶୀର୍ବାଦ ନିଅନ୍ତି, ବିପଦ ଦୂର ହୋଇଗଲେ ସେମାନେ ଭଗବାନଙ୍କୁ ଭୁଲି ଯାଆନ୍ତି । ତଥାପି ସେମାନଙ୍କର କେବେ ନା କେବେ କଲ୍ୟାଣ ହୁଏ । ଭଗବତ୍ କୃପା ଅମୋଘ, ବ୍ୟର୍ଥ ହୁଏ ନାହିଁ ।

(୨) **ଜିଜ୍ଞାସୁ ଭକ୍ତ** : କୌଣସି ବ୍ୟକ୍ତି ଉପରେ ଭଗବାନଙ୍କ କୃପା ଦ୍ୱାରା ତା'ର ଅନ୍ତରାତ୍ମା ଜାଗ୍ରତ୍ ହେଲେ, ସେ ଜାଣିବାକୁ ଚାହେଁ ଓ ପ୍ରଶ୍ନ କରେ, ଏହି ସଂସାର କିଏ ନିର୍ମାଣ କରିଛି ? ମନୁଷ୍ୟ ଏହି ସଂସାରକୁ ଆସିଲା କିପରି ଓ କାହିଁକି ? ମନୁଷ୍ୟର ସାର୍ଥକତା କ'ଣ ? ଯଦି କେବଳ ଜନ୍ମ ହୋଇ ମରି ଯିବାର ଥିଲା ତେବେ ଏତେ ଦୁଃଖ-ଦ୍ୱନ୍ଦ୍ୱକୁ ସେ ଗ୍ରହଣ କଲା କାହିଁକି ? ଜଣେ ମୂଲିଆ ମଜୁରି ଲାଗି ଉଦର ପୂର୍ଣ୍ଣ କରୁଛି, ଜଣେ ପ୍ରଫେସର, ଜଣେ ବିଚାରପତି, ଜଣେ ଆଇନଜ୍ଞ, ଜଣେ ଶାସକ ନିଜ ନିଜ କାର୍ଯ୍ୟ କରି ଉଦର ପୂର୍ଣ୍ଣ କରୁଛନ୍ତି । ମୂଲିଆ କୁଡ଼ିଆରେ କତରାରେ ଶୁଏ, ଏମାନେ ପକ୍କା କୋଠାଘରମାନଙ୍କରେ ମୋଟାମୋଟା ବିଛଣାରେ ବିଜୁଳିପଙ୍ଖା ତଳେ ଶୁଅନ୍ତି । ମୂଲିଆ ଚାଲିକରି ଯାଏ, ଏମାନେ ମୋଟରରେ ଯାଆନ୍ତି । ଏହି ବାହ୍ୟକ୍ରିୟାରେ ଏତେ ପ୍ରଭେଦ ରହିଲେ ମଧ୍ୟ ତତ୍ତ୍ୱତଃ ସମସ୍ତ ବ୍ୟକ୍ତି ଗୋଟିଏ ଅଜ୍ଞାନ ଶ୍ରେଣୀର । ଶାରୀରିକ, ମାନସିକ ଭୋଗ, କାମନା, ବାସନା, ଆହାର ନିଦ୍ରାର ଆବଶ୍ୟକତା ଏବଂ ଏହି ଆବଶ୍ୟକତାର ପୂରଣ ସମସ୍ତଙ୍କର ସମାନ । ଏହି ସମସ୍ତ ବ୍ୟକ୍ତି ନିଜ ଜୀବନର ପରିଣାମକୁ ଭୁଲି ଅନ୍ୟ ବ୍ୟକ୍ତିର ଅନ୍ୟ ଦେଶର ସର୍ବନାଶ କରନ୍ତି । ଧୀବରର ଜାଲ ମଧ୍ୟରେ ମତ୍ସ୍ୟ ଏକତ୍ର ହୋଇ ମୃତ୍ୟୁଅଭିମୁଖରେ ଗମନ କରିବା ସମୟରେ ଏକକୁ ଆରେକ ଭକ୍ଷଣ କରିବା ସଦୃଶ ଏମାନେ ନିଜ ସ୍ୱାର୍ଥ, ଅହଂ, କାମନା, ବାସନା ତୁଷ୍ଟି କରିବାରେ ଲାଗି ପଡ଼ିଛନ୍ତି । ଏମାନେ ସମସ୍ତେ କାମନା ବାସନାର କ୍ରୀତଦାସ । ଏହାହିଁ କ'ଣ ଜୀବନ ?

ଯେଉଁମାନେ ଦେଶ ସେବକ, ମନୁଷ୍ୟଜାତିର ହିତ ସାଧନର ବ୍ରତ ନେଇଛନ୍ତି, ସେମାନେ ବହୁସଂଖ୍ୟାରେ ଗୋଟିଏ ଗୋଟିଏ ସଂଘ ନିର୍ମାଣ କରି ଭିନ୍ନ ଭିନ୍ନ ଆଦର୍ଶ ଗ୍ରହଣ କରିଛନ୍ତି । ଲକ୍ଷ୍ୟସିଦ୍ଧି ପୂର୍ବରୁ ସେମାନଙ୍କର ଅହଂ, ସ୍ୱାର୍ଥ, ହିଂସା, ବ୍ୟକ୍ତିଗତ ସୁଖସୁବିଧାସବୁ ଲକ୍ଷ୍ୟପ୍ରାପ୍ତି ଦିଗରେ ଏକମୁଖୀ ହୋଇ ଧାବିତ ହେଉଥା'ନ୍ତି । ଲକ୍ଷ୍ୟସିଦ୍ଧି ପରେ ଏସବୁଙ୍କ ସମ୍ମୁଖରେ ଅନ୍ୟ କୌଣସି ଆଦର୍ଶ ନ ଥାଏ, ଫେର ଏମାନେ କ'ଣ କରିବେ ? ଅନ୍ୟାନ୍ୟ କେତେକ ସାଧାରଣ ବ୍ୟକ୍ତି ଯେପରି ନିଜ ସ୍ୱାର୍ଥ, ଅହଂ, କାମନାବାସନା ପୂର୍ଣ୍ଣକରିବା ସକାଶେ ନିଜ ମିତ୍ର, ସାଥୀ ସହକର୍ମୀଙ୍କୁ ଗୁଳିରେ ହତ୍ୟା କରିବାକୁ ପଛାଇ ନାହାନ୍ତି, ଏମାନେ ମଧ୍ୟ ସେହିପରି କରିବେ । ବାନର ନିଜ ସନ୍ତାନ ମୁଖରୁ ଆହାର ଛଡ଼ାଇ ନିଜେ ଉଦରସ୍ଥ କରିବା ସଦୃଶ ଏମାନେ ମଧ୍ୟ ନିଜ ମତ ସାବ୍ୟସ୍ତ କରିବା ପାଇଁ, ନିଜ ସ୍ୱାର୍ଥ ସିଦ୍ଧି ପାଇଁ ଅନ୍ୟର ଗଳା କାଟିବେ, ଅଥବା ଯେଉଁମାନଙ୍କର ଆଦର୍ଶ ସିଦ୍ଧ ହୋଇଯାଇଛି, ସେମାନେ ଯେପରି ନିଜ ସ୍ୱାର୍ଥସିଦ୍ଧିରେ ଲାଗିଛନ୍ତି, ଏମାନେ ମଧ୍ୟ ସେହିପରି କରିବେ, ଏହାହିଁ କ'ଣ ଜୀବନର ଆଦର୍ଶ ? ସଂସାରର ଦୁଃଖଦ୍ୱନ୍ଦ୍ୱର ଅବସାନ ହେବା ପାଇଁ କ'ଣ ଅନ୍ୟ କୌଣସି ଉପାୟ ନାହିଁ ? ଏହାର ଉତ୍ତର ନିଜ ଆତ୍ମାରୁ ଅଥବା ଅନ୍ୟ ବ୍ୟକ୍ତିଠାରୁ ପ୍ରାପ୍ତ ହେଲେ ସେ ଭଗବଦଭିମୁଖୀ ହୁଏ ।

ଭଗବାନ୍ ସ୍ୱୟଂ ନିଜକୁ ପୂର୍ଣ୍ଣରୂପେ ଏହି ସଂସାରରେ ପ୍ରକାଶ କରିବାକୁ ବହୁବିଧ ପ୍ରାଣିରୂପେ ପ୍ରକଟ ହୋଇଛନ୍ତି । ଏହି ସଂସାର ଅକସ୍ମାତ ହୋଇ ନାହିଁ । ଭଗବାନ୍ ସ୍ୱୟଂ ସଂସାର ରୂପରେ ବ୍ୟକ୍ତ ହୋଇଛନ୍ତି । ସଂସାର ଚିରଦିନ ଏହି ଦୁଃଖଦ୍ୱନ୍ଦ୍ୱରେ ଗତି କରିବ ନାହିଁ, ମନୁଷ୍ୟ ଚିରଦିନ ଜନ୍ମ-ମରଣ-ଆବର୍ତ୍ତନରେ ଭ୍ରମଣ କରି ଦୁଃଖ, ତାପ, ପୀଡ଼ା ଭୋଗ କରିବାକୁ ଏହି ସଂସାରକୁ ଆସି ନାହିଁ; ଆସିଛି ଅବିମିଶ୍ର ସୁଖ ଓ ପରମାନନ୍ଦ ପ୍ରାପ୍ତ ହେବା ଉଦ୍ଦେଶ୍ୟରେ । ସେଥି ସକାଶେ ସମସ୍ତ ମନୁଷ୍ୟ ଅସ୍ପଷ୍ଟ ଭାବରେ ଏକମତ ହୋଇ ଦୁଃଖ ରହିତ ସୁଖ, ନୀରୋଗତା, ଅମରତ୍ୱ ଓ ଶାନ୍ତି ଚାହୁଁଛନ୍ତି । ମନୁଷ୍ୟର ଏହି ଚାହିଁବାହିଁ ପ୍ରମାଣ କରୁଛି ଯେ ଏସବୁ ସତ୍ୟ ବସ୍ତୁ ; ଦିନେ ମନୁଷ୍ୟକୁ ଏହା ଅବଶ୍ୟ ମିଳିବ । ଏହାହିଁ ମନୁଷ୍ୟ ଜୀବନର ଲକ୍ଷ୍ୟ । ମନୁଷ୍ୟ ମଧ୍ୟରେ କାମ, କ୍ରୋଧ, ହିଂସା, ଦ୍ୱେଷ, ସ୍ୱାର୍ଥ, ଈର୍ଷା, ବିରୋଧାଦି ଦୁର୍ଗୁଣ ଥିବାରୁ ମନୁଷ୍ୟ ତା'ର ଚିରାଭିଳଷିତ ପରମସୁଖ, ପରମ ଶାନ୍ତିର ଲକ୍ଷ୍ୟ ଭୁଲି, ଏହି ଲକ୍ଷ୍ୟକୁ ଭ୍ରମବଶତଃ ସାଂସାରିକ ବସ୍ତୁରେ ଖୋଜୁଛି, ଏହାହିଁ ଅଜ୍ଞାନତା । ଏହି ଅଜ୍ଞାନତା ଦୂର ହୁଏ ମନୁଷ୍ୟର ମନ, ପ୍ରାଣ, ଶରୀର ତା'ର ମୂଳ ଚିନ୍ମୟ

ତତ୍ତ୍ୱରେ ରୂପାନ୍ତର ହୋଇ ତା'ର ସମସ୍ତ ସତ୍ତାରେ ଭଗବାନ୍ ପୂର୍ଣ୍ଣରୂପେ ପ୍ରକାଶିତ ହେଲେ । ଏହାହିଁ ମନୁଷ୍ୟ ଜୀବନର ଲକ୍ଷ୍ୟ । ସେ ଏହାକୁ ଅବଶ୍ୟ ଦିନେ ପ୍ରାପ୍ତ କରିବ । ମନୁଷ୍ୟ ଯେପର୍ଯ୍ୟନ୍ତ ଏହି ଲକ୍ଷ୍ୟର ଜ୍ଞାନପ୍ରାପ୍ତ ନ କରି, ଲକ୍ଷ୍ୟସିଦ୍ଧିର ଯଥାର୍ଥ ମାର୍ଗରେ ଯାତ୍ରା ନ କରିଛି, ଲକ୍ଷ୍ୟସିଦ୍ଧି ନ କରିଛି, ସେପର୍ଯ୍ୟନ୍ତ ଏହି ଦୁଃଖ-ଯାତନା ଭୋଗ କରି ଜନ୍ମ-ମୃତ୍ୟୁର ସମ୍ମୁଖୀନ ହୋଇ ଚାଲିଥିବ । ବ୍ୟକ୍ତିର ଅନ୍ତରରୁ ବା ଅନ୍ୟଠାରୁ ଏହିପରି ଉତ୍ତର ପାଇଲେ ସେ ଭଗବତ୍ ପ୍ରାପ୍ତିମାର୍ଗରେ ଗତି କରିବ ।

(୩) **ଅର୍ଥାର୍ଥୀ ଭକ୍ତ** : ଯେଉଁ ବ୍ୟକ୍ତିମାନଙ୍କର ଅର୍ଥପ୍ରାପ୍ତି ଅର୍ଥାତ୍ ମାନ, ଯଶଃ, ଧନ, ପଦମର୍ଯ୍ୟାଦା ପ୍ରାପ୍ତିର ଅଭିଳାଷ ଥାଏ, ସେମାନଙ୍କ ମଧ୍ୟରୁ କାହାରି କାହାରି ପ୍ରତି ଭଗବାନ୍ ଅହେତୁକୀ କୃପା କରି ତା'ର ଅନ୍ତରାତ୍ମାକୁ ଜାଗ୍ରତ୍ କରିଦେଲେ ସେ ଉପରୋକ୍ତ ସ୍ୱାର୍ଥଲାଭ ଆଶାରେ ଭଗବତ୍ ଶରଣାପନ୍ନ ହୁଏ । ଏହି ଅର୍ଥାର୍ଥୀ ଭକ୍ତର ଆର୍ତ୍ତ ଭକ୍ତଙ୍କ ପରି କାର୍ଯ୍ୟସିଦ୍ଧି ହେବାପରେ ବାରଂବାର ସଂଦେହ ଆସି ଏମାନଙ୍କୁ ଅଧ୍ୟାତ୍ମ ମାର୍ଗରୁ ବିଚଳିତ କରିପାରେ; ପୁନରାୟ ଏମାନେ ଦୁଃଖ-ଦ୍ୱନ୍ଦ୍ୱରେ ପଡ଼ି ଭଗବାନଙ୍କୁ ଡାକନ୍ତି । ଶେଷରେ ଦୃଢ଼ ସଂକଳ୍ପବାନ୍ ହୋଇ ସିଧା ସିଧା ଭଗବତ୍ ମାର୍ଗରେ ଯାତ୍ରା କରନ୍ତି । ଯେଉଁ ବ୍ୟକ୍ତିର ଅନ୍ତରାତ୍ମା ଜାଗ୍ରତ୍ ହୋଇ ନ ଥାଏ, କେବଳ ଅର୍ଥପ୍ରାପ୍ତି କରିବା ଉଦ୍ଦେଶ୍ୟରେ ଭଗବତ୍-ଚରଣରେ ମନ ଦ୍ୱାରା ନିଜକୁ ସମର୍ପଣ କରିଥାଏ, ତା'ର କାର୍ଯ୍ୟସିଦ୍ଧି ହେବା ପରେ ବହୁତ ବର୍ଷ ଏପରି କି କେତେ ଜନ୍ମ ବି ଭଗବାନଙ୍କୁ ଏକେବାରେ ଭୁଲି ଯାଇପାରେ କିଂବା ସେହି ଘଟନାରେ ଭଗବତ୍-କୃପା ସଂସ୍ପର୍ଶରେ ଅନ୍ତରାତ୍ମା ଜାଗ୍ରତ୍ ହୋଇ ନିଶ୍ଚିତରୂପେ ଭଗବତ୍-ମାର୍ଗ ଅବଲମ୍ବନ କରିପାରେ ।

(୪) **ଜ୍ଞାନୀ ଭକ୍ତ** : କେହି କେହି ଜ୍ଞାନୀ ଭକ୍ତ ପୂର୍ବଜନ୍ମ ସଂସ୍କାରରୁ ତାଙ୍କ ବାଲ୍ୟାବସ୍ଥାରୁ ସଚେତ ଥାଆନ୍ତି । ତାଙ୍କ ଜୀବନରେ କେବେ କ'ଣ ଘଟିବ, ନିଜକୁ କ'ଣ କରିବାକୁ ହେବ ତାହା ସେ ସ୍ପଷ୍ଟ ଅଥବା ଅସ୍ପଷ୍ଟରୂପେ ବାଲ୍ୟାବସ୍ଥାରୁ ଜାଣି ଥାଆନ୍ତି । ପାରିପାର୍ଶ୍ୱିକ ଅବସ୍ଥା-ଚକ୍ରରୁ ଯଦି ସାଧାରଣ ମୋହାବରଣ କେବେ ଆସେ ତେବେ ତାଙ୍କ ଅନ୍ତରାତ୍ମା ସେହି ସାମାନ୍ୟ ଘଟନାକୁ ଆଶ୍ରୟ କରି ତାଙ୍କୁ ଭଗବଦଭିମୁଖୀ କରିନିଏ । କୌଣସି କୌଣସି ଜ୍ଞାନୀ ଭକ୍ତଙ୍କର ଆତ୍ମା ଏହି ସଂସ୍କାରରେ କିଛି ଅଭିଜ୍ଞତା ପ୍ରାପ୍ତ କରିବାର ସଂକଳ୍ପ ଯଦି କରିନେଇଥାଏ, ତେବେ ସେହି ଅଭିଜ୍ଞତା ପ୍ରାପ୍ତ ହେବା ପରେ ହଠାତ୍ କୌଣସି କାରଣରୁ ସେ ଭଗବତ୍ ମାର୍ଗରେ ଯାତ୍ରା କରେ । ଆର୍ତ୍ତ ଓ ଅର୍ଥାର୍ଥୀ ଭକ୍ତଙ୍କ ସଦୃଶ ଜ୍ଞାନୀ ଭକ୍ତ କୌଣସି କାମନା, ବାସନା ପୂର୍ଣ୍ଣ କରିବାକୁ ଭଗବଦଭିମୁଖୀ ହୁଏ ନାହିଁ । କୌଣସି ଘଟନା ଯୋଗୁଁ ସଚେତ ହେବାମାତ୍ରେ କେବଳ ଲକ୍ଷ୍ୟସିଦ୍ଧି ସକାଶେ ଭଗବତ୍ ପ୍ରାପ୍ତି ମାର୍ଗରେ ଯାତ୍ରା କରେ ।

ଚତୁର୍ବିଧା ଭଜନ୍ତେ ମାଂ ଜନାଃ ସୁକୃତିନୋଽର୍ଜୁନ ।
ଆର୍ତ୍ତୋ ଜିଜ୍ଞାସୁରର୍ଥାର୍ଥୀ ଜ୍ଞାନୀ ଚ ଭରତର୍ଷଭ ॥
(ଗୀତା, ଅ ୭, ଶ୍ଳୋକ-୧୬)

ଅର୍ଥ – ଆର୍ତ୍ତ, ଜିଜ୍ଞାସୁ, ଅର୍ଥାର୍ଥୀ ଓ ଜ୍ଞାନୀ ଏହି ଚାରି ପ୍ରକାର ସୁକୃତ ବ୍ୟକ୍ତି ମୋତେ ଭଜନ କରନ୍ତି ।
ଗୋସ୍ୱାମୀ ତୁଳସୀ ଦାସ ଠିକ୍ ଏହାହିଁ ରାମାୟଣରେ କହିଅଛନ୍ତି –

ରାମ ଭଗତ ଜଗ ଚାରି ପ୍ରକାରା,
ଚାରିଇ ସୁକୃତି ଅନଘ ଉଦାରା ।

ଏହି ଚାରିପ୍ରକାର ଭକ୍ତଙ୍କର ଭଗବତ୍ ସମ୍ମୁଖ ହେବାରେ ଭିନ୍ନ ଭିନ୍ନ କାରଣ ଥିବାରୁ ଏମାନଙ୍କୁ ଚାରି ଶ୍ରେଣୀରେ ବିଭକ୍ତ କରାହୋଇଛି କିନ୍ତୁ କୌଣସି ପ୍ରକାରେ ଭଗବତ୍ ଚରଣରେ ବ୍ୟକ୍ତି ନିଜକୁ ସମର୍ପଣ କରିଦେଲେ ଭଗବାନ୍

ସ୍ୱୀକାର କରିନିଅନ୍ତି । ଭଗବତ୍ ମାର୍ଗରେ କିଛିଦୂର ଅଗ୍ରସର ହେବା ପରେ ଭକ୍ତଙ୍କର ସମସ୍ତ ପ୍ରକାର କାମନାବାସନା ଦୂର ହୋଇଯାଏ । ସେ ନିଷ୍କାମ ଜ୍ଞାନୀ ଭକ୍ତ ହୋଇ ଯାଆନ୍ତି ।

## ସମର୍ପଣ ଆରମ୍ଭରୁ ଭଗବାନଙ୍କ ରକ୍ଷା

ବ୍ୟକ୍ତି ଭଗବାନଙ୍କ ଚରଣରେ ନିଜକୁ ସମର୍ପଣ କରିଦେଲେ ଭଗବାନ୍ ତାକୁ ସ୍ୱୀକାର କରିନିଅନ୍ତି ।

ସକୃଦେବ ପ୍ରପନ୍ନାୟ ତବାସ୍ମୀତି ଚ ଯାଚତେ ।
ଅଭୟଂ ସର୍ବେଭୂତେଭ୍ୟୋ ଦଦାମ୍ୟେତଦ୍ ବ୍ରତଂ ମମ ॥
(ବାଲ୍ମୀକି ରାମାୟଣ)

ଏହା ଭଗବାନ୍ ଶ୍ରୀରାମଚନ୍ଦ୍ରଙ୍କର ଶ୍ରୀମୁଖବଚନ– ''ଯେଉଁ ବ୍ୟକ୍ତି 'ମୁଁ ତୁମ୍ଭର' କହି ନିଜକୁ ସମର୍ପଣ କରିଦିଏ ତାକୁ ମୁଁ ସମସ୍ତ ପ୍ରାଣୀଙ୍କଠାରୁ ନିର୍ଭୟ କରିଦିଏ, ଏହା ମୋର ବ୍ରତ ।'' ଏହା ଏକେବାରେ ଠିକ୍ ଏବଂ ପ୍ରତ୍ୟେକ ଭକ୍ତ ଏହା ଅନୁଭବ ମଧ କରନ୍ତି । ବ୍ୟକ୍ତି କୌଣସି ପ୍ରକାରରେ ଭଗବତ୍ ଶରଣ ହେଲେ ଭଗବାନ୍ ପ୍ରତିକ୍ଷଣରେ ଭକ୍ତର ଡାକକୁ କାନ ଡେରି ରହିଥା'ନ୍ତି; ଡାକିବା ମାତ୍ରେ ବିପଦରୁ ରକ୍ଷା କରନ୍ତି । ଭଗବାନ୍ ରକ୍ଷା କରନ୍ତି, ଏହା ନିରାଟ ସତ୍ୟ । କିନ୍ତୁ ବ୍ୟକ୍ତି ସମର୍ପଣ କରିବା ମାତ୍ରେ ସମସ୍ତ ଦୋଷରୁ ମୁକ୍ତ ହୁଏ ନାହିଁ କିଂବା ତାହାର ମନ, ପ୍ରାଣ, ଶରୀର ପୂର୍ଣ୍ଣତଃ ସମର୍ପିତ ହୁଏ ନାହିଁ । ସମର୍ପଣ କରିଥାଏ କେବଳ ଅନ୍ତରାତ୍ମା । ତାହାରି ପ୍ରଭାବ ମନର କୌଣସି ଗୋଟିଏ ଭାଗରେ କିଛି ପଡ଼େ । ବାକୀ ସମସ୍ତ ସତ୍ତାକୁ ସମର୍ପଣ କରିବା ସକାଶେ ବ୍ୟକ୍ତିକୁ ବହୁତ ବର୍ଷ ସାଧନା କରିବାକୁ ପଡ଼େ । ସମଗ୍ର ସତ୍ତା ସମର୍ପିତ ହେବା ପୂର୍ବରୁ ପୂର୍ବ ସ୍ୱଭାବ ଅନୁସାରେ ସେମାନେ ନିଜ ନିଜ ମାର୍ଗରେ ଚାଲିଥା'ନ୍ତି । ସମର୍ପଣର ଅର୍ଥ, ଯେଉଁ ବ୍ୟକ୍ତିର ଯେଉଁ ଭାଗ ସମର୍ପିତ ହୁଏ, ସେଥିରେ ଭଗବାନଙ୍କର ଅଧିକାର ହୋଇଯାଏ, ସେହି ଭାଗ ଭଗବାନଙ୍କୁ ଚାହେଁ । ମନ, ପ୍ରାଣ ସମର୍ପିତ ହେଲେ ସେଥିରେ ଅନ୍ୟ କୌଣସି ପ୍ରକାର ବିଚାର, କାମନା, ଭୋଗଲିପ୍ସା, ସ୍ତ୍ରୀ, ପୁତ୍ର, ପରିବାର ଓ ଧନ ପ୍ରତି ମୋହ ଆସକ୍ତି ରହେ ନାହିଁ, ନାମ, ଯଶଃ, ପଦମର୍ଯ୍ୟାଦାର ଅଧିକାର ତାକୁ ଅଭିଭୂତ କରେ ନାହିଁ । ତା' ମଧ୍ୟରୁ କାମ, କ୍ରୋଧ, ହିଂସା, ଦ୍ୱେଷ, ଈର୍ଷା, ବିରୋଧ, ସ୍ୱାର୍ଥ, ଅହଂ ଦୂର ହୋଇଯାଏ । ସେ ନିରନ୍ତର ଭଗବତ୍ ପ୍ରେମ, ଆନନ୍ଦ, ଜ୍ଞାନସମୁଦ୍ରରେ ନିମଗ୍ନ ରହେ । ସେ ଚରାଚର ପ୍ରାଣୀରେ ଈଶ୍ୱରଙ୍କୁ ସାକ୍ଷାତ୍ ଦର୍ଶନ କରେ । ତା'ର ମନ, ପ୍ରାଣ ଭଗବତ୍ ଚେତନାରେ ଏକ ହୋଇଯାଇଥାଏ । ମନରେ ସେ କିଛି ଭାବେ ନାହିଁ, କିଛି ବିଚାର କରେ ନାହିଁ, ପୂର୍ଣ୍ଣତଃ ପରିଚାଳିତ ହୁଏ ଭଗବତ୍ ଶକ୍ତି ଦ୍ୱାରା । ତା'ର ଶରୀରର ନେତା ଓ ଚାଳକ ହୁଏ ଅନ୍ତରାତ୍ମା; ତା' ମଧ୍ୟରେ ସାଧନା କରନ୍ତି ଭାଗବତୀ ଶକ୍ତି । ସାଧକର ଯେପର୍ଯ୍ୟନ୍ତ ଏହି ଅବସ୍ଥା ସ୍ଥାୟୀ ହୋଇ ନ ରହିଛି, ଏକ କ୍ଷଣକ ସକାଶେ ଯଦି ଅନ୍ୟ ବୃତ୍ତି ତା' ମଧ୍ୟରେ ଦେଖାଦେଉଛି ତେବେ ଜାଣିବାକୁ ହେବ ସେପର୍ଯ୍ୟନ୍ତ ସମର୍ପଣ ବାକି ଅଛି, ସେପର୍ଯ୍ୟନ୍ତ ସମର୍ପଣରେ ସାଧକ ପୂର୍ଣ୍ଣତା ଲାଭ କରି ନାହିଁ । ସମର୍ପଣ ଆରମ୍ଭରୁ ସାଧକର ଆଧାରରେ ଭାଗବତୀ ଶକ୍ତି ଏବଂ ଅଜ୍ଞାନ ଶକ୍ତିର ଯୁଦ୍ଧ ଆରମ୍ଭ ହୁଏ । ସାଧକର ଏକମାତ୍ର କାମ ହୁଏ ସବୁ ସମୟରେ ସଚେତ ରହି ନିଜର କର୍ମ, ବିଚାର, ଆସକ୍ତି, ଲୋଭ, ମୋହାଦି ଯେଉଁ ଦୁର୍ଗୁଣ ସମ୍ମୁଖକୁ ଆସେ ଅଥବା କ୍ରିୟାଶୀଳ ହୁଏ, ତତ୍‌କ୍ଷଣାତ୍ ଭାଗବତୀ ଶକ୍ତିକୁ ଆବାହନ କରି ସେହି ବୃତ୍ତି ବା ଦୁର୍ଗୁଣଚୟକୁ ତାଙ୍କ ଚରଣରେ ସମର୍ପଣ କରିଦେବା । ସମର୍ପିତ ଅଂଶକୁ ଭାଗବତୀ ଶକ୍ତି ଅଧିକାର କରି ତାଙ୍କର ସ୍ୱରୂପୀଭୂତ ଶାନ୍ତି, ସନ୍ତୋଷ, ଆନନ୍ଦ, ଭକ୍ତି, ଜ୍ଞାନ, ସମତା ଇତ୍ୟାଦି ସଦ୍‌ଗୁଣ ସ୍ଥାପନ କରନ୍ତି । ଅନ୍ଧକାର ଅଜ୍ଞାନ ଶକ୍ତି ନିଜ ଅଂଶୀଭୂତ କାମ, କ୍ରୋଧ, ଲୋଭ, ମୋହ, ଈର୍ଷା, ମାନ, ଯଶାଦି ବିରୋଧୀ ଦୁର୍ଗୁଣ ଦ୍ୱାରା ଆକ୍ରମଣ କରି ସଦ୍‌ଗୁଣକୁ ସ୍ଥାନଚ୍ୟୁତ କରି ନିଜ ଅଙ୍ଗୀଭୂତ ଦୁର୍ଗୁଣମାନଙ୍କ ଅଧିକାର ପୂର୍ବବତ୍ ସ୍ଥାୟୀ ରଖିବାକୁ ପ୍ରଯତ୍ନ କରେ । ଏହିପରି ଯୁଦ୍ଧ ସମର୍ପଣର ଶେଷପର୍ଯ୍ୟନ୍ତ ଚାଲିଥାଏ । ଯେତେବେଳେ ସାଧକର

ଆଧାରରେ ଭାଗବତୀ ଶକ୍ତିଙ୍କର ପୂର୍ଣ୍ଣ ଅଧିକାର ହୋଇ ସାରିଥାଏ, କେବଳ କୌଣସି କୋଣରେ କିଛି ଅସମର୍ପିତ ଶେଷାଂଶ ରହି ଯାଇଥାଏ, ସେତେବେଳେ ବି ଅନ୍ଧକାର ଶକ୍ତି ସେହି ଅସମର୍ପିତ ଅଂଶକୁ ଆଶ୍ରୟ କରି ଆକ୍ରମଣ କରେ । ଏପରିକି ଯେତେବେଳେ ସାଧକର ମନ, ପ୍ରାଣ ଏକେବାରେ ଶୁଦ୍ଧ ହୋଇଥାଏ, ତା'ର କାମନା, ବାସନା ଆଦି କିଛି ଦୁର୍ଗୁଣ ନ ଥିଲା ପରି ସେ ବୋଧକରେ, ସେତେବେଳେ ବି ହଠାତ୍ ସମୟ ସମୟରେ ଦୂର ଆକାଶରେ ପକ୍ଷୀ ଉଡ଼ିଲା ପରି ତା'ର ଚିଦାକାଶରେ ପ୍ରତିକୂଳ ଶକ୍ତି ଉଙ୍କି ମାରନ୍ତି । ଏହାର ହେଲା ଦୁଇଟି କାରଣ : ସାଧକର ସମସ୍ତ ସତ୍ତା ଭାଗବତୀ ଶକ୍ତି ଅଧିକାର କରି ଦିବ୍ୟଗୁଣକୁ ସ୍ଥାପନ କରିବାରୁ ଅଦିବ୍ୟ ଗୁଣ ନିଜ ସ୍ଥାନ ଛାଡ଼ି, ପରାଜିତ ଶତ୍ରୁ ଜଙ୍ଗଲରେ ଲୁଚି ରହିଲା ପରି ସାଧକର ଅବଚେତନାରେ ଆଶ୍ରୟ ନେଇ ନିଜ ସୁଯୋଗର ଅପେକ୍ଷାରେ ରହିଥା'ନ୍ତି, ସୁବିଧା ପାଇ କେବେକେବେ ଯାତ୍ରା କରିଦିଅନ୍ତି, ଅଥବା ବିଶ୍ୱ ବାତାବରଣରୁ ଅସଦ୍‌ଗୁଣ କେବେକେବେ ଆକ୍ରମଣ କରନ୍ତି ।

## ବିରୋଧୀ ଶକ୍ତିର ଛଦ୍ମ ଆକ୍ରମଣ ଓ ଭଗବତ୍ କୃପା

ବ୍ୟକ୍ତି ଅଧ୍ୟାତ୍ମ-ସାଧନ ମାର୍ଗରେ ଅଗ୍ରସର ହେବା ସଙ୍ଗେ ସଙ୍ଗେ ତା'ର ନିଜର ସ୍ୱଭାବ, ସଂସ୍କାର, ମନର ବିଚାର, ପ୍ରାଣର କାମନା-ବାସନା ଆସି ମାର୍ଗ ରୁଦ୍ଧ କରି ସାଧକକୁ ବିପଥଗାମୀ କରିବାକୁ ପ୍ରଯତ୍ନ କରନ୍ତି । ସାଧକକୁ ନୈତିକ ଧର୍ମାନୁଯାୟୀ ପିତା, ମାତା, କୁଟୁମ୍ବ, ଦେଶସେବା, ଆଚାର-ବ୍ୟବହାର, ନିଜ କର୍ତ୍ତବ୍ୟର ଶିକ୍ଷା ଦିଅନ୍ତି । ବିରୋଧୀ ଶକ୍ତିସମୂହ ସାଂସାରିକ ଭୋଗ-ବାସନାର ପ୍ରଲୋଭନ ଆଣି ସାଧକ ସାମନାରେ ରଖି ତାକୁ ବିମୋହିତ କରିପକାନ୍ତି । ସାଧକର ସଂକଳ୍ପ ଦୃଢ଼, ବୁଦ୍ଧି ଶୁଦ୍ଧ ଓ ତୀବ୍ର ଥିଲେ ସେ ସବୁ ବିରୋଧୀ ପରାମର୍ଶକୁ ପ୍ରଶ୍ରୟ ନ ଦେଇ, ବିରୋଧୀ ସଂସ୍କାର ସ୍ୱଭାବକୁ ଭଗବତ୍ ସାହାଯ୍ୟରେ ନିଜ ସଂକଳ୍ପ ଦ୍ୱାରା ବର୍ଜନ କରି ନିଜ ଲକ୍ଷ୍ୟ ଦିଗରେ ଅଗ୍ରସର ହୁଏ, ଅଥବା ବିରୋଧୀ ଶକ୍ତିଙ୍କ କପଟ ପରାମର୍ଶ ପ୍ରଭାବର ଅଧୀନ ହୋଇ ସତ୍ୟ ମାର୍ଗରୁ ବିମୁଖ ହୋଇ ସାଧାରଣ ଜୀବନକୁ ଫେରିଯାଇପାରେ ।

ସାଧକ ମଧ୍ୟରେ ଯେତେ ପ୍ରକାର ଦୁର୍ଗୁଣ ଥାଏ, ସବୁଠାରୁ ପ୍ରବଳ ଏବଂ ଶକ୍ତିଶାଳୀ ହେଉଛି କାମ-ବାସନା ଆଉ ଯଶୋଲିପ୍ସା । ସାଧକ ଅନ୍ୟାନ୍ୟ ଦୁର୍ଗୁଣରୁ ମୁକ୍ତ ହେବା ପରେ ଏହି ଦୁଇ ଶତ୍ରୁ ବହୁତ ପ୍ରକାରେ, ଛଳେ ବଳେ, କୌଶଳେ, ଛଦ୍ମବେଶ ଧାରଣ କରି ସାଧକକୁ ବିମୋହିତ କରିବାକୁ ଚେଷ୍ଟା କରନ୍ତି । ଏହିସବୁର କୌଶଳ ସମ୍ମୁଖରେ ସାଧକର ବୁଦ୍ଧି, ଯୋଗଶକ୍ତି କିଛିମାତ୍ର କାମ କରିପାରେ ନାହିଁ । କେବଳ ରକ୍ଷା କରେ ଭଗବାନଙ୍କ ଶକ୍ତି । ସାଧକ ଯଦି ସାଧନା ଆରମ୍ଭରୁ ଛୋଟ ଶିଶୁତୁଲ୍ୟ ନିଜକୁ ଭଗବତ୍ ଚରଣରେ ଅର୍ପଣ କରି, ତାଙ୍କରି ଦ୍ୱାରା ପରିଚାଳିତ ହେବାକୁ ପ୍ରାର୍ଥନା କରେ, ପଦେ ପଦେ ତାଙ୍କରି ସାହାଯ୍ୟ ଚାହେଁ, ତେବେ ସମସ୍ତ ବାଧାବିଘ୍ନର ସମ୍ମୁଖୀନ ହେବାର ଶକ୍ତି ଭଗବାନ୍ ସାଧକକୁ ଦେଇ, ସମସ୍ତ ବାଧାବିଘ୍ନ ଅତିକ୍ରମ କରାଇ, ଲକ୍ଷ୍ୟରେ ପହଞ୍ଚାଇ ଦିଅନ୍ତି । ଅନ୍ୟଥା ସାଧକ ନିଜର ବ୍ୟକ୍ତିଗତ ତପସ୍ୟା ଦ୍ୱାରା ଏହିସବୁ ଶତ୍ରୁଙ୍କୁ ବିତାଡ଼ିତ କରିବାକୁ ଚେଷ୍ଟା କଲେ ତା' ଚେଷ୍ଟା ବାରଂବାର ବ୍ୟର୍ଥ ହୁଏ ଏବଂ ସେ ଶତ୍ରୁଙ୍କ ଶିକାର ହୋଇପାରେ । ଏହି କାମ-ବାସନା ଓ ଯଶୋଲିପ୍ସା, କେବଳ ଭଗବାନଙ୍କ ସଙ୍ଗେ ଯୁକ୍ତଥିବା ତାଙ୍କର ଅନନ୍ୟ ଭକ୍ତଙ୍କ ଛଡ଼ା, ସଂସାରର ସମସ୍ତ ବ୍ୟକ୍ତିଙ୍କୁ ବିପଥଗାମୀ କରି କ୍ରୀତଦାସରୂପେ ରଖିଛି । ଏହିସବୁର ପ୍ରେରଣାରେ ମନୁଷ୍ୟ ସମସ୍ତ ନୈତିକ, ସାମାଜିକ, ଆଧ୍ୟାତ୍ମିକ ନିୟମର ବିରୋଧାଚରଣ କରୁଛି । ଏହାର ବଶବର୍ତ୍ତୀ ହେବାରେ ଦୁଃଖ, ଅପମାନ, ନିନ୍ଦା ମଧ୍ୟ ସମୟ ବିଶେଷରେ ପାଉଛି । ଏହା ପ୍ରତ୍ୟେକ ମନୁଷ୍ୟ ଜାଣନ୍ତି, ତଥାପି ସାଧାରଣ ବ୍ୟକ୍ତିଙ୍କ କଥା କ'ଣ କହିବା, ବଡ଼ବଡ଼ ଅଧ୍ୟାତ୍ମ ସାଧକ ଏହିସବୁ ଦୁର୍ଗୁଣର ପ୍ରଲୋଭନରେ ପତିତ ହୋଇ ସର୍ବନାଶ ଘଟାନ୍ତି । ଏହାର ପ୍ରମାଣ ପୁରାଣରେ ବଡ଼ ବଡ଼ ମୁନି, ଋଷିଙ୍କ ଜୀବନରେ ମିଳେ ଏବଂ ବର୍ତ୍ତମାନ ଯୁଗରେ ମଧ୍ୟ ବହୁତ ସାଧକଙ୍କ ମଧ୍ୟରେ ଦେଖାଯାଏ । ଏହି ଦୁଇଟି ଶତ୍ରୁଙ୍କ ଆକ୍ରମଣରୁ ବିଶ୍ୱାମିତ୍ରଙ୍କ ପରି ମହର୍ଷି ଓ ଶଙ୍କରଙ୍କ ପରି ଯୋଗେଶ୍ୱର

ମଧ୍ୟ ବାଦ୍ ଯାଇ ନାହାନ୍ତି । ଏହିସବୁ ଦୁର୍ଜେୟ ଶତ୍ରୁର କବଳରୁ ଉଦ୍ଧାର ପାଇବାର ଏକମାତ୍ର ଉପାୟ ହେଲା ଭଗବାନଙ୍କ ଚରଣରେ ପୂର୍ଣ୍ଣ ଆତ୍ମସମର୍ପଣ ।

ଭଗବାନଙ୍କ ଚରଣରେ ବ୍ୟକ୍ତିର ଅନ୍ତରାତ୍ମା ନିଷ୍କପଟ କେନ୍ଦ୍ରୀୟ ସମର୍ପଣ କରି ଶିଶୁ ସଦୃଶ ମା'ଙ୍କ ଶକ୍ତି ଆଶ୍ରୟରେ ରହିଲେ କେବଳ ମା' ଏହିସବୁ ବିପଦରୁ ରକ୍ଷା କରନ୍ତି । ଏହିସବୁ ବିରୋଧୀ ଶକ୍ତି ବଡ଼ କୌଶଳୀ ଅଟନ୍ତି । ସାଧକର ଜ୍ଞାନ ଓ ଶକ୍ତିଠାରୁ ଏମାନଙ୍କର ଜ୍ଞାନ ଓ ଶକ୍ତି ବହୁତ ଅଧିକ । ସାଧକର ଆଧାରସ୍ଥ ଦୁର୍ବଳତାକୁ ଏମାନେ ବେଶ୍ ବୁଝି ପାରନ୍ତି; କିପରି କୌଶଳରେ ସାଧକ ମୋହଗ୍ରସ୍ତ ହୋଇପାରେ ସେ ଜ୍ଞାନ ଏମାନଙ୍କର ପର୍ଯ୍ୟାପ୍ତ ଥାଏ । କିନ୍ତୁ ଏସବୁ ପରାସ୍ତ ହୁଅନ୍ତି ଭାଗବତୀ ଶକ୍ତି ପାଖରେ । ସେଠାରେ ଏମାନଙ୍କ ସମସ୍ତ କୌଶଳ ବ୍ୟର୍ଥ ହୁଏ । ମା'ଙ୍କ ପାଖରେ ନିଜକୁ ସଂପୂର୍ଣ୍ଣ ସମର୍ପଣ କରିଦେଇ ତାଙ୍କ ପ୍ରତି ବିଶ୍ୱାସ, ଭରସା ରଖି ସମସ୍ତ ବିପଦ-ଆପଦରେ ତାଙ୍କୁ ଡାକିବା ହେଲା ଏହି ଦୁର୍ଜେୟ ଶତ୍ରୁଙ୍କ କବଳରୁ ମୁକ୍ତି ପାଇବାର ରହସ୍ୟ ଆଉ ଚାବିକାଠି । ଏହାଛଡ଼ା ସାଧନା-ପଥ ବିପତ୍‌ସଂକୁଳ ଓ ପତନର ଆଶଙ୍କାରେ ପୂର୍ଣ୍ଣ ।

କୌଣସି କୌଣସି ସାଧକଙ୍କୁ ସାଧନା ଆରମ୍ଭରୁ ଏହିସବୁ ଶତ୍ରୁଙ୍କ ଛଦ୍ମବେଶ, କୁଟିଳ ପରାମର୍ଶ ଭଗବତ୍ କୃପାରୁ ସ୍ପଷ୍ଟ ଅନୁଭୂତ ହୁଏ । ସାଧକ ଭଗବାନଙ୍କ ଆଶ୍ରୟ ନେଲେ ସେହିସବୁ ବିରୋଧୀ ଶକ୍ତିଙ୍କର ଆକ୍ରମଣରୁ ଭଗବାନ୍ ରକ୍ଷା କରି ଚାଲିଥା'ନ୍ତି । ମାର୍ଗରେ ବାଧା-ବିପତ୍ତି ବରାବର ଆସେ । ଏପରିକି ଯେଉଁ ସାଧକର ସାଧନା ତୀବ୍ରତା ସହ ଚାଲେ, ତା' ମାର୍ଗରେ ସାଧନାର ଉନ୍ନତି ଅନୁପାତରେ ବାଧା-ବିପତ୍ତି ମଧ୍ୟ ଅଧିକ ଆସେ । କାରଣ ମନୁଷ୍ୟର ପୂର୍ବ ସ୍ୱଭାବ, ସଂସ୍କାର ପରିବର୍ତ୍ତିତ ହେବାକୁ ଚାହେଁ ନାହିଁ । ସେସବୁ ବାଧାରୂପ ଧାରଣ କରି ମାର୍ଗ ରୋଧ କରନ୍ତି । ଏହାଛଡ଼ା ଅଜ୍ଞାନ ଅନ୍ଧକାର ଶକ୍ତି ବାଧା ସୃଷ୍ଟି କରି ଆକ୍ରମଣ କରନ୍ତି । ଯେଉଁ ସାଧକର ସାଧନା ବହୁତ ମନ୍ଥର ଗତିରେ ଚାଲେ ତା' ଉପରେ ବାଧା-ବିପତ୍ତି କମ୍ ଆସେ ।

ଯଥାର୍ଥରେ ସାଧକର ସାଧନା ତୀବ୍ର, ଅନୁଭୂତି ଗଭୀର, ବାଧା-ବିପତ୍ତି ସମ୍ମୁଖୀନ ହେବାର ଶକ୍ତିବୃଦ୍ଧି, ଜ୍ଞାନ ବିକାଶ, ଭଗବତ୍ ଆନନ୍ଦ, ଶାନ୍ତି, ସମତା ଇତ୍ୟାଦି ପ୍ରାପ୍ତି, ମାତୃଶକ୍ତି ଉପରେ ବିଶ୍ୱାସ, ଭରସା ଦୃଢ଼ରୁ ଦୃଢ଼ତର କରାଇବାକୁ ବାଧା-ବିପତ୍ତି ଆସନ୍ତି । ଏହି କାରଣରୁହିଁ ବାଧା-ବିପତ୍ତିକୁ ଆସିବାକୁ ଭଗବାନଙ୍କର ମଞ୍ଜୁରି ଥାଏ । ସାଧକର ଦୃଢ଼ ଏବଂ ଦୁର୍ବଳ ଆଧାର ଅନୁପାତରେ କମ୍ ବା ବେଶୀ ପରିମାଣରେ ବାଧା-ବିଘ୍ନ ଆସେ । ଏହି ବାଧା-ବିଘ୍ନ ଜୟ କରିବାରେ ସାଧକର ଆଧାର ଦୃଢ଼ ହୁଏ ।

ସାଧାରଣତଃ ଦୁଇପ୍ରକାର ଭକ୍ତ ହୁଅନ୍ତି । ଗୋଟିଏ ଶ୍ରେଣୀର ଭକ୍ତ : ବାଧା-ବିଘ୍ନ ଯେତେ ଛଦ୍ମବେଶ ଧାରଣ କରିଆସୁ, ବୁଦ୍ଧିମତ୍ତାର ସହ ଯେତେ ଯୁକ୍ତିଯୁକ୍ତ ପ୍ରେରଣା ଦେଉ, ସେ ତାହାର ଛଦ୍ମବେଶ ଓ କପଟତାକୁ ଚିହ୍ନିପାରନ୍ତି ଓ ତାହାର ପ୍ରତିକାର ସକାଶେ ସତ୍ତାର ଯେଉଁ ଭାଗରେ ଛଦ୍ମବେଶୀମାନେ କ୍ରିୟା କରନ୍ତି ସେହି ଭାଗକୁ ମାତୃଶକ୍ତିଙ୍କ ନିକଟରେ ସମର୍ପଣ କରିଦିଅନ୍ତି ଓ ମାତୃଶକ୍ତିକୁ ଆବାହନ କରନ୍ତି । ଏହି ଶ୍ରେଣୀର ସାଧକମାନଙ୍କର ଅନ୍ତରାତ୍ମା (Psychic Being) ଅଧିକ ଜାଗ୍ରତ୍ ଥାଏ, ଅର୍ଥାତ୍ ସେମାନେ ପୂର୍ବଜନ୍ମରୁ ସାଧନା କରିଆସିଥା'ନ୍ତି; ଏଣୁ ସେ ଏମାନଙ୍କୁ ଚିହ୍ନି ପାରନ୍ତି । ଏହିପରି କରିବାରେ ବିରୋଧୀ ଶକ୍ତିର ଆକ୍ରମଣ କାଳ କମ୍ ହୋଇଯାଏ ଏବଂ ଆକ୍ରମଣର ତୀବ୍ରତା କ୍ରମଶଃ ହ୍ରାସ ହୁଏ ।

ଅନ୍ୟ ଶ୍ରେଣୀର ସାଧକଙ୍କ ଅନ୍ତରାତ୍ମା ଅଧିକ ଜାଗ୍ରତ୍ ହୋଇ ନ ଥାଏ ଅଥବା ସେମାନେ ମନ ଓ ବୁଦ୍ଧିର ଯୁକ୍ତିକୁ ବରାବର ପ୍ରାଧାନ୍ୟ ଦେଇ ଆସୁଥା'ନ୍ତି କିଂବା ଅନ୍ତରାତ୍ମା ଜାଗ୍ରତ୍ ହୋଇ ପରିଚାଳନା କରିବା ସକାଶେ ଅଭୀପ୍ସା କରନ୍ତି ନାହିଁ । ସେଥିପାଇଁ ସେମାନେ ବିରୋଧୀ ଶକ୍ତିର ଆକ୍ରମଣକୁ ଠିକ୍ ଭାବରେ ବୁଝି ନ ପାରି ବିପରୀତ ଭାବରେ ମନ, ବୁଦ୍ଧି ଦ୍ୱାରା ସମର୍ଥନ କରନ୍ତି । ଏଥିରେ ଆକ୍ରମଣକାରୀ ଶତ୍ରୁର ବଳ ବୃଦ୍ଧି ହୁଏ । ଏହି ସଂଘର୍ଷ ଅଧିକ କାଳ ସ୍ଥାୟୀ ହୋଇପାରେ ଅଥବା କୌଣସି କୌଣସି ସ୍ଥଳରେ ଏହି ବିରୋଧୀ ଆକ୍ରମଣର ଅନୁଭବ ପ୍ରାପ୍ତ ହେବା ଆବଶ୍ୟକ ଥିଲେ ସାଧକ ଯଥାର୍ଥ ସାଧନା ମାର୍ଗରୁ କିଛିଦିନ ପାଇଁ ବିଚଳିତ ଏବଂ ବିପଥଗାମୀ ମଧ୍ୟ ହୋଇପାରେ । କିନ୍ତୁ ଥରେ ଯେ

ଭଗବତ୍ ଚରଣାଶ୍ରୟ ନିଏ, ନିଜକୁ ସମର୍ପଣ କରିଦେଇ ଥାଏ, ତା'ର ସ୍ଥାୟୀ ପତନ ହୁଏ ନାହିଁ, ତା' ସଙ୍ଗରେ ଭଗବତ୍ ଅନୁକମ୍ପା ବରାବର ଥାଏ । ଏପରି ଅସ୍ଥାୟୀ ପତନ ଦ୍ୱାରା ଆକ୍ରମଣକାରୀ ବିରୋଧୀ ଶକ୍ତିଙ୍କର ଛଦ୍ମବେଶକୁ ଚିହ୍ନିବାର ଜ୍ଞାନ ସାଧକକୁ ପ୍ରାପ୍ତି ହୁଏ । ଏହି ଜ୍ଞାନପ୍ରାପ୍ତ ନ ହେଲେ ସାଧକ ଲକ୍ଷ୍ୟରେ ପହଞ୍ଚିବା ମାର୍ଗରେ ଭାଗବତୀ ଶକ୍ତି ସାହାଯ୍ୟରେ ସେମାନଙ୍କର ବାରଂବାର ଆକ୍ରମଣକୁ ବ୍ୟର୍ଥ କରିପାରେ ନାହିଁ ।

## ବିରୋଧୀ ଶକ୍ତିର କପଟ ପରାମର୍ଶ

ଗୃହୀ ସାଧକ ପ୍ରଥମେ ଅନ୍ତରାତ୍ମାକୁ ଜାଗ୍ରତ୍ କରି, ତୀବ୍ର ଭାବରେ ସାଧନା କରିବାର ସଂକଳ୍ପ ନେଇ ଯେତେବେଳେ ସାଧନାର ପ୍ରତିକୂଳ ବସ୍ତୁକୁ ତ୍ୟାଗ କରେ ସେତେବେଳେ ବିରୋଧୀ ବୃତ୍ତିଚୟ ସାଧକକୁ ଏହିରୂପେ ପ୍ରେରଣା ଏବଂ ପରାମର୍ଶ ଦିଅନ୍ତି, ଯଥା :– 'ବର୍ତ୍ତମାନ ଜଗତ୍‌ରେ ଅନ୍ୟାୟ ଏବଂ ମିଥ୍ୟାର ରାଜ୍ୟ, ତୁ ଯଦି ସତ୍ୟରେ ବ୍ୟବସାୟ କରୁ, ଚାକିରି କରୁ, ତୋତେ ଅଧିକ ସଂଘର୍ଷ ଆଉ ବିଫଳତାର ସମ୍ମୁଖୀନ ହେବାକୁ ପଡ଼ିବ । ସେଥିପାଇଁ ସମସ୍ତଙ୍କ ସଙ୍ଗେ ଖାପ ଖୁଆଇ ଚାଲିବା ଭଳି ସତ୍ୟକୁ ପାଳନ କଲେ ସୁବିଧା ହେବ । ଉପର ଅଫିସର ଓ ତଳ ଅଫିସର ରିସ୍‌ପତ୍ ନେଉଛନ୍ତି, ତୁ ମଝିରେ ରହି ବିରୋଧ କରିପାରିବୁ ନାହିଁ । ଅତଏବ ସାମଞ୍ଜସ୍ୟ ରକ୍ଷା କରିବା ନିମିତ୍ତ ବିଷଣ୍ଣହୋଇ ମିଥ୍ୟା ଲେଖ ବା କିଛି ତୁ ବି ନେଇନେ । ବିବଶତାରେ ଅସତ୍ୟ ଆଚରଣ ସତ୍ୟର ସମାନ । ଫେର କୁଟୁମ୍ବ ପାଳନ ତୋର ଧର୍ମ । ସେମାନଙ୍କ ପାଳନ ସକାଶେ ଏପରି କରାଯାଇପାରେ ।' ବ୍ୟବସାୟ ଆଉ ଅନ୍ୟାନ୍ୟ ସମସ୍ତ କ୍ଷେତ୍ରରେ ଏହିପରି ପରିସ୍ଥିତିରେ ବହୁତ ଭିନ୍ନ ଭିନ୍ନ ରୂପ ସମୟୋପଯୋଗୀ ପରାମର୍ଶ ଦିଅନ୍ତି । ଯେଉଁମାନଙ୍କ ଅନ୍ତରାତ୍ମା ଅଧିକ ଜାଗ୍ରତ୍ ନ ଥାଏ ସେମାନେ ଏହି ପରାମର୍ଶକୁ ମାନିନିଅନ୍ତି, କାର୍ଯ୍ୟରେ ପରିଣତ କରନ୍ତି । ରିସ୍ୱତ୍, ମିଥ୍ୟା ବ୍ୟବହାର ଅଥବା କାମ ପ୍ରଭୃତି ଦ୍ୱାରା ବିପଦ ଆସେ । ଏହି ବିପଦରେ ସାଧକ ସଚେତ ହୁଏ । ଭବିଷ୍ୟତ୍ ଆକ୍ରମଣର ସମ୍ମୁଖୀନ ହେବାର ଶିକ୍ଷା ଏବଂ ଅନୁଭବ ଏହି ବାଧାବିଘ୍ନରୁ ପ୍ରାପ୍ତ ହୁଏ; ଅନ୍ତରାତ୍ମାର ପ୍ରେରଣା ପାଇବାକୁ ଅଭୀପ୍ସା କରେ । ଯେପର୍ଯ୍ୟନ୍ତ ଅନ୍ତରାତ୍ମା ଜାଗ୍ରତ୍ ହୋଇ ସାଧକକୁ ପରିଚାଳନା ନ କରେ ସେପର୍ଯ୍ୟନ୍ତ ଏହିପରି ବିପଦ ଆସୁଥାଏ । ଯାହାର ଅନ୍ତରାତ୍ମା ଜାଗ୍ରତ୍ ହୋଇଥାଏ, ସେ ଏହି ପରାମର୍ଶର ଛଦ୍ମବେଶ ବୁଝିପାରେ । ବୁଦ୍ଧି ଦ୍ୱାରା ହୋଇ ନ ପାରୁଥିବା ସମସ୍ୟାର ସମାଧାନ ସକାଶେ ଅନ୍ତରାତ୍ମାର ପ୍ରେରଣା ଚାହେଁ ଏବଂ ପ୍ରେରଣା ପାଏ ।

କୌଣସି କୌଣସି ସାଧକର ଅନ୍ତରାତ୍ମା ଜାଗ୍ରତ୍ ହୋଇ ତୀବ୍ର ଭାବରେ ସାଧନାରେ ପ୍ରବୃତ୍ତ ହେବା ସକାଶେ ସାଧକକୁ ପ୍ରେରଣା ଦିଏ । ସାଧକ ଘର, ପରିବାର ଇତ୍ୟାଦି ତ୍ୟାଗ କରି କୌଣସି ଅଧ୍ୟାତ୍ମ ସଂସ୍ଥାରେ ସମ୍ମିଳିତ ହୋଇ ଗୁରୁଙ୍କ ନିକଟରେ ରହି ସାଧନା ଆରମ୍ଭ କରେ । ଯଦି ତାହାର ଅନ୍ତରାତ୍ମା ପର୍ଯ୍ୟାପ୍ତ ଜାଗ୍ରତ୍ ନ ହୋଇ, ନିଜ ପ୍ରଭାବ ମନ, ପ୍ରାଣ ଉପରେ ଯଥେଷ୍ଟ ମାତ୍ରାରେ ନିକ୍ଷେପ ନ କରିଥାଏ ତେବେ ମନ, ପ୍ରାଣ ନିଜ ନିଜ ଯୁକ୍ତି ଏବଂ ଉଦ୍ଦେଶ୍ୟ ସାଧକର ସମ୍ମୁଖକୁ ଆଣନ୍ତି ଏବଂ କହନ୍ତି, 'ଭଗବତ୍ ପ୍ରାପ୍ତି କରିବା ମନୁଷ୍ୟର ଏକମାତ୍ର ଲକ୍ଷ୍ୟ, ଏଥିରେ କୌଣସି ସନ୍ଦେହ ନାହିଁ । ଫେର୍ ପିତା, ମାତା, ପରିବାରକୁ ତ୍ୟାଗ କରିବା ଆବଶ୍ୟକ କ'ଣ ? ଏଠାରେ ଯେପରି ଭୋଜନ, ନିଦ୍ରା ଆଉ ସାଧନା, ସେଠାରେ ମଧ୍ୟ ସେହିପରି ସମସ୍ତ କାର୍ଯ୍ୟ ହେବ । ଶାରୀରିକ କ୍ରିୟା ଦୃଷ୍ଟିରୁ ଉଭୟ ସ୍ଥାନ ସମାନ । ଏଠାରେ ରହିବା ଦ୍ୱାରା ପରିବାରର ବ୍ୟାକୁଳତା ପିତାମାତାଙ୍କ ସେବାରେ ବିମୁଖତା ଏବଂ ଅକୃତଜ୍ଞତାଦି ଦୋଷସବୁ ସାଧନାମାର୍ଗରେ ବାଧାଦିଏ । ଏଠାରୁ ଯାଇ ଘରେ ରହି ସାଧନା କଲେ ଏହିସବୁ ଦୋଷରୁ ତୁ ସହଜରେ ମୁକ୍ତ ହେବୁ ।' ଏହି ପ୍ରେରଣାକୁ ସାଧକର ବୁଦ୍ଧି ଯଦି ବାରଂବାର ସମର୍ଥନ କରେ ତେବେ ସାଧକ ସ୍ୱୟଂ ତୀବ୍ର ସାଧନାରୁ ବିରତ ହୋଇ ଫେରିଯାଏ । ଏହା ସାଧନାରେ ପତନାବସ୍ଥା । ଏହି ଅବସ୍ଥା ଏବଂ ବିରୋଧୀ ଶକ୍ତିଙ୍କ ଛଦ୍ମ ପ୍ରେରଣା ସାଧକ ସ୍ୱୟଂ ଅନୁଭବ କରି ଭବିଷ୍ୟତ୍ ଆକ୍ରମଣ ସକାଶେ ସାବଧାନ ହେବ ବୋଲି ବିରୋଧୀ ଆକ୍ରମଣରେ ଭଗବାନ୍ ହସ୍ତକ୍ଷେପ କରନ୍ତି ନାହିଁ, କିଛି ଦୂର ପଛକୁ ହଟି ଛିଡ଼ା ହୁଅନ୍ତି, ଭବିଷ୍ୟତ୍ ଉତ୍‌ଥାନକୁ ଅପେକ୍ଷା କରନ୍ତି । ସାଧକ ଗୃହାଶ୍ରମକୁ

ଫେରିଯିବା ସଙ୍ଗେ ସଙ୍ଗେ ବହୁତ ପ୍ରକାର ବାଧା ବିପତ୍ତି ଆସେ । ତା'ର ପୂର୍ବାପେକ୍ଷା ଖରାପ ଅବସ୍ଥା ହୁଏ । ସେ ଗୃହକାର୍ଯ୍ୟରେ ଶାନ୍ତି, ସନ୍ତୋଷ ପ୍ରାପ୍ତ ହୋଇପାରେ ନାହିଁ କିଂବା ତାହାସବୁ ତ୍ୟାଗ କରି ପୁନରାୟ ଗୁରୁଙ୍କ ସମୀପକୁ ଫେରି ଆସିପାରେ ନାହିଁ । ମନ, ପ୍ରାଣ, ପାର୍ଥିବ ଇନ୍ଦ୍ରିୟସକଳ ଟାଣନ୍ତି ସଂସାର ଭିତରକୁ; ଅନ୍ତରାତ୍ମା ଟାଣେ ଅଧ୍ୟାତ୍ମ ମାର୍ଗକୁ । ଏପରି ଅବସ୍ଥାରେ ସାଧକ ସଂସାର କାର୍ଯ୍ୟରେ ଅଶାନ୍ତ, ଉଦ୍‌ବିଗ୍ନ ରହେ । ନିଜର ଦୃଢ଼ତା ନ ଥିବାରୁ ସଂସାର ତ୍ୟାଗ କରି ପୂର୍ଣ୍ଣରୂପେ ଅଧ୍ୟାତ୍ମ ମାର୍ଗରେ ଚାଲିପାରେ ନାହିଁ । ସେ ଏ କୁଳ ହୁଏ ନାହିଁ କି ସେ କୁଳ ହୁଏ ନାହିଁ । ଏପରି ବ୍ୟକ୍ତିର ଅନ୍ତରାତ୍ମା ଜାଗ୍ରତ୍ ହେବା ପରେ ସେ ଯେପର୍ଯ୍ୟନ୍ତ ପୂର୍ଣ୍ଣରୂପେ ଅଧ୍ୟାତ୍ମ ମାର୍ଗକୁ ସ୍ୱୀକାର କରି ସଂସାରକୁ ତ୍ୟାଗ ନ କରିଛି ସେପର୍ଯ୍ୟନ୍ତ ସେ ଯଥାର୍ଥ ଶାନ୍ତି, ସୁଖ ପ୍ରାପ୍ତ ହୋଇପାରେ ନାହିଁ । ଏହି ଅଭିଜ୍ଞତା ଅଳ୍ପ ଦିନରେ ପ୍ରାପ୍ତ ହୋଇପାରେ କିଂବା ଗୋଟିଏ ଜନ୍ମ ବି ବ୍ୟତୀତ ହୋଇପାରେ । ଅଧ୍ୟାତ୍ମ ମାର୍ଗରେ ଥରେ ଭୁଲ୍ କଲେ ତା'ର ପରିଣାମ ଭୟଙ୍କର ହୁଏ । ଏପରି ଅବସ୍ଥାରେ ମଧ୍ୟ ଭଗବାନ୍ ସାଧକଠାରୁ ଉଦାସୀନ ହୋଇ ବସି ରହନ୍ତି ନାହିଁ, ବାରଂବାର ସଚେତ କରୁଥା'ନ୍ତି । ସମସ୍ତ ବାଧାବିପତ୍ତିରେ ତାଙ୍କରି ହାତ ଥାଏ । ଯେତେବେଳେ ସାଧକର ଅଭିଜ୍ଞତା ପ୍ରାପ୍ତ ହୁଏ, ସେତେବେଳେ ପୁନରାୟ ତାକୁ ନିଜ ଆଡ଼କୁ ଟାଣି ଆଣନ୍ତି । ବ୍ୟକ୍ତି ଥରେ ଭଗବତ୍ ଆଶ୍ରୟ ନେଲେ ଭଗବାନ୍ ତାକୁ ତ୍ୟାଗ କରନ୍ତି ନାହିଁ । ବ୍ୟକ୍ତିର ଅସାବଧାନତା ଯୋଗୁଁ ଲକ୍ଷ୍ୟପ୍ରାପ୍ତି ମାର୍ଗରେ ବିଳମ୍ବ ହୋଇପାରେ । ଅଧିକ ବାଧାବିପତ୍ତି ଆସିପାରେ, ସ୍ଥାୟୀ ପତନ କଦାପି ହୁଏ ନାହିଁ । ଏହିସବୁ ବିପଦରୁ ରକ୍ଷା ପାଇବାର ଏକମାତ୍ର ଉପାୟ ହେଲା ସର୍ବତୋଭାବରେ ମା'ଙ୍କ ଆଶ୍ରୟ ନେବା ।

ଏହି ଉପରୋକ୍ତ ଅବସ୍ଥାରେ ସାଧକର କର୍ତ୍ତବ୍ୟ ହେଲା, ଏହିସବୁ ବିଚାର ପ୍ରେରଣା ଆସିବା ମାତ୍ରେ ତାକୁ ଦୃଢ଼ତାପୂର୍ବକ ବନ୍ଦ କରିଦେଇ ସେହିସବୁ ବିଚାର ଓ ପ୍ରେରଣାରେ ମାତୃଶକ୍ତିକୁ ଆବାହନ କରି ତାଙ୍କ ଚରଣରେ ସେହିସବୁକୁ ନିବେଦନ କରିଦେବା । ଏଥିରେ ଅଳ୍ପ ସମୟ ମଧ୍ୟରେ ଶାନ୍ତି, ସମାଧାନ ନ ଆସିଲେ, ନୀରବ ହୋଇ ମା'ଙ୍କୁ ଡାକିବ, ପ୍ରାର୍ଥନା କରିବ, ନାମ ସ୍ମରଣ କରିବ । ବିରୋଧୀ ପ୍ରେରଣାକୁ ସମର୍ଥନ କରିବା ସାଧକର ପ୍ରଥମ ଦୋଷ, 'ଭଗବାନ୍ ଏହିପରି କରୁଛନ୍ତି, ଏହି ମାର୍ଗ ଦେଇ ଭଗବାନ୍ ମୋତେ ନେଇ ଯିବାକୁ ଚାହୁଁଛନ୍ତି', ଏହି ବିଚାର ସବୁଠାରୁ ମାରାତ୍ମକ ଓ ବିରୋଧୀ ଶକ୍ତିର ସହାୟକ । ଯେଉଁ ସାଧକର ମା'ଙ୍କ ଉପରେ ପୂର୍ଣ୍ଣ ନିର୍ଭରତା ଥାଏ, ଯାହାଙ୍କ ଅନ୍ତରାତ୍ମା ଜାଗ୍ରତ୍ ହୋଇଥାଏ, ଏପରି ବିଚାର ଆସିବା ସଙ୍ଗେ ସଙ୍ଗେ ତା' ଅନ୍ତରାତ୍ମା ଉତ୍ତର ଦେଇଦିଏ, ଯଥା – 'ପ୍ରତ୍ୟେକ ବ୍ୟକ୍ତି ବିକାଶ ମାର୍ଗରେ ନିଜ ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ମାର୍ଗରେ ଯାତ୍ରା କରି ଚାଲିଛନ୍ତି; ପିତା, ମାତା, ସ୍ତ୍ରୀ, ପୁତ୍ର, ପରିବାର ନିଜ ନିଜ କର୍ମ ଓ ସଂସ୍କାରବଶରୁ କିଛିଦିନ ପାଇଁ ଗୋଟିଏ ପରିବାରରେ ଏକତ୍ର ହୋଇଛନ୍ତି । ପ୍ରତ୍ୟେକ ବ୍ୟକ୍ତିର କର୍ମପଥରେ ଏହି ପାରିବାରିକ ମୋହ ବାଧା ଛଡ଼ା ଆଉ କିଛି ନୁହେଁ । ପ୍ରତ୍ୟେକ ଜନ୍ମ ଏହିପରି ବାରଂବାର ପରିବାର ଭିତର ଦେଇ ଆସୁଛି, ଆଉ ମୃତ୍ୟୁ ପରେ ସ୍ୱଭାବତଃ ପରିବାର ତ୍ୟାଗ କରିବାକୁ ହେଉଛି । ଯାହା ସ୍ୱଭାବତଃ ତ୍ୟାଜ୍ୟ ବସ୍ତୁ ସେ ସକାଶେ ଚିନ୍ତା କରିବା ବ୍ୟର୍ଥ ।' ପିତାମାତାଙ୍କ ସେବା, କୁଳାଚାର ଧର୍ମ ହେଲା ନୈତିକ ଓ ସାମାଜିକ ନିୟମର ଅନ୍ତର୍ଗତ । ଗୃହତ୍ୟାଗୀ ଅଧ୍ୟାତ୍ମ ମାର୍ଗର ସାଧକ ସକାଶେ ଏହି ବିଧାନ ପାଳନର ଆବଶ୍ୟକତା ନାହିଁ । ଏହାର ଉଦାହରଣ ହେଲେ ବୈଦିକ ଯୁଗର ଋଷି ଶୁକଦେବ, ସୁତୀକ୍ଷ୍ଣ, କଳିଯୁଗର ଆଚାର୍ଯ୍ୟ ଶଙ୍କର, ଶ୍ରୀଚୈତନ୍ୟ ମହାପ୍ରଭୁ, ଗୋସ୍ୱାମୀ ତୁଳସୀ ଦାସ, ସମର୍ଥ ରାମଦାସ ପ୍ରଭୃତି ବହୁତ ମହାପୁରୁଷ, ସାଧୁ, ସନ୍ଥ ।

## ବିରୋଧୀ ଆକ୍ରମଣକୁ ବ୍ୟର୍ଥ କରିବାର ଉପାୟ

ଗୃହତ୍ୟାଗୀ ସାଧକ ସାଧନାରେ କିଛି ଦୂର ଅଗ୍ରସର ହେବା ପରେ ସାଧନାପଥରେ ବିମୁଖକାରୀ ବିରୋଧୀ ଶକ୍ତି କାମ, କ୍ରୋଧ, ଲୋଭ, ମୋହ, ମାନ, ଯଶଃ ଚରିତାର୍ଥ କରିବାର ପ୍ରଲୋଭନକାରୀ ବସ୍ତୁସକଳକୁ ସ୍ଥୂଳ, ସୂକ୍ଷ୍ମ ଏବଂ ଛଦ୍ମ ଭାବରେ ସାଧକ ସାମନାରେ ଉପସ୍ଥାପିତ କରେ । ନାନାପ୍ରକାର କପଟ ପରାମର୍ଶରେ ସାଧକକୁ ବିପଥଗାମୀ

କରିବାରେ ଲାଗିପଡ଼େ । ଯେଉଁ ସାଧାରଣ ବ୍ୟକ୍ତିଙ୍କ ମଧ୍ୟରେ କାମନା, ବାସନା, ଭୋଗଲିପ୍ସା ପୂର୍ଣ୍ଣମାତ୍ରାରେ ଥାଏ, ସେ ଯେବେ ତାହାର କାମନା, ବାସନା ପୂର୍ଣ୍ଣ କରିବାକୁ ଚାହେଁ ତେବେ ବହୁତ ସ୍ଥଳରେ ତାହା ତାକୁ ପ୍ରାପ୍ତ ହୁଏ ନାହିଁ । କିନ୍ତୁ ଅଧ୍ୟାତ୍ମ ସାଧକ ଏହିସବୁକୁ ତ୍ୟାଗ କରି ଅଧ୍ୟାତ୍ମ ମାର୍ଗରେ ଅଗ୍ରସର ହେଲେ ଏସବୁ ସ୍ୱତଃ ଉପସ୍ଥିତ ହୁଅନ୍ତି । ମନୁଷ୍ୟର ନିଜ ଛାଇ ତୁଲ୍ୟ ବ୍ୟକ୍ତି ତାକୁ ଧରିବାକୁ ଗଲେ ତାହା ଦୂରକୁ ହଟିଯାଏ, ବ୍ୟକ୍ତି ତ୍ୟାଗ କରିଦେଲେ ତାହା ପଛରେ ଗୋଡ଼ାଏ ।

ଅଧ୍ୟାତ୍ମ ସିଦ୍ଧି ଆଡ଼କୁ ବ୍ୟକ୍ତି ଗତିକଲେ କେବଳ ଆସୁରୀ ଅଜ୍ଞାନ ଶକ୍ତି ଯେ ବାଧା ଦିଅନ୍ତି ତାହା ନୁହେଁ, ଦେବତାମାନେ ମଧ୍ୟ ଈର୍ଷାବଶରେ ବାଧା ସୃଷ୍ଟି କରନ୍ତି । ସେମାନେ ଚାହାନ୍ତି ନାହିଁ ଯେ, ସେମାନଙ୍କ ସେବକ, ମର୍ତ୍ତ୍ୟର ମନୁଷ୍ୟ ସେମାନଙ୍କୁ ଅତିକ୍ରମ କରି ସେମାନଙ୍କ ସକାଶେ ଅଗମ୍ୟ ପରମପଦକୁ ପ୍ରାପ୍ତ କରୁ । ସେହି ସକାଶେ ପୂଜ୍ୟ ଜଗନ୍ନାଥ ଦାସ ଲେଖିଛନ୍ତି –

‘ଯେ କେହି ତପ ଆଚରନ୍ତି
ଦେବେ ତାହାକୁ ବିଘ୍ନ ଚିନ୍ତି ।’

ପୁରାଣରେ ବରାବର ଦେଖାଯାଏ କେତେକ ଋଷି-ମୁନିଙ୍କର ତପସ୍ୟା ଇନ୍ଦ୍ରାଦି ଦେବତା ନଷ୍ଟ କରିଛନ୍ତି । ଧ୍ରୁବଙ୍କ ତପସ୍ୟାରେ ଯେଉଁ ବାଧାବିଘ୍ନ ବର୍ଣ୍ଣନା ହୋଇଛି ସେସବୁ ବାଧାବିଘ୍ନ ଆଜି ମଧ୍ୟ ଆସୁଛି ।

ସାଧକ ପର୍ଯ୍ୟାପ୍ତ ଭାବରେ ସଚେତନ ନ ହେଲେ ବିରୋଧୀ ଆକ୍ରମଣକୁ ବୁଝିପାରେ ନାହିଁ କିଂବା ତାହାକୁ ପରିହାର କରିପାରେ ନାହିଁ । ଏହାର ବିପରୀତ ବିରୋଧୀ ଶକ୍ତିର କ୍ରିୟାକୁ ନିଜେ ଗ୍ରହଣ କରି ତାହାର ଅଧୀନ ହୋଇଯାଏ । ଉଦାହରଣସ୍ୱରୂପ – ବିରୋଧୀ ଶକ୍ତି କ୍ରୋଧରୂପେ ଯେଉଁ ସାଧକକୁ ଆକ୍ରମଣ କରିବାକୁ ଚାହେଁ ପ୍ରଥମରେ ତାକୁ ସ୍ପର୍ଶ କରେ ନାହିଁ, ଆକ୍ରମଣ କରେ କୌଣସି ବିଷୟକୁ ଆଶ୍ରୟ କରି ସାଧକର କୌଣସି ସମ୍ପର୍କୀୟ ବ୍ୟକ୍ତିକୁ, ଆକ୍ରମଣ ସଙ୍ଗେ ସଙ୍ଗେ ସେ ବ୍ୟକ୍ତିର ଯଥାର୍ଥ ବିବେକ ବିଚାର ନଷ୍ଟ ହୋଇଯାଏ, ସେ କ୍ରୋଧ ଆବେଗରେ ଭ୍ରମବଶତଃ ଅଥବା ବିବେକ ଅଭାବ ଯୋଗୁଁ ବିନା କାରଣରେ କିଂବା କୌଣସି ମିଥ୍ୟା ସନ୍ଦେହ କରି ସାଧକକୁ ମିଥ୍ୟା ଦୋଷ ଦେଇ ତିରସ୍କାର କରେ । ସାଧକ ଯଦି ସଚେତ ଥାଏ ତେବେ ବ୍ୟକ୍ତିର ଅପରାଧକୁ ଭ୍ରୂକ୍ଷେପ ନ କରି, ବ୍ୟକ୍ତି ଦ୍ୱାରା ବିରୋଧୀ ଶକ୍ତିକର୍ତ୍ତୃକ ଆକ୍ରମଣକୁ ବୁଝିପାରେ ଓ ଚିହ୍ନିପାରେ । ସେହି ସମୟରେ ସାଧକ ନିଜେ ପ୍ରଶାନ୍ତ ଧୀର ସ୍ଥିର ହୋଇ ଅନ୍ତରାତ୍ମା ସହିତ ନିଜକୁ ଏକକରି ଭାଗବତୀ ଶକ୍ତିକୁ ଆବାହନ କରିବା ଉଚିତ । ଏହି ଅବସ୍ଥାରୁ ବିଚଳିତ ନ ହୋଇ ସାଧକ ଯଦି ଶାନ୍ତିରେ ପ୍ରତିଷ୍ଠିତ ହୋଇପାରେ ତେବେ ଆକ୍ରମଣକାରୀ ଶକ୍ତିର ଯନ୍ତ୍ରରୂପେ ବ୍ୟବହୃତ ବ୍ୟକ୍ତି ସହିତ କଥାବାର୍ତ୍ତା କରି ତାକୁ ବୁଝାଇ ଦେଇପାରେ । ଯଦି ଶାନ୍ତ ଅବସ୍ଥାରୁ ବିଚଳିତ ହେବାର ସମ୍ଭାବନା ଥାଏ ତେବେ ସେତେବେଳେ ସାଧକର ଚୁପ୍ ରହିବା ଆବଶ୍ୟକ । ସାଧକ ଶାନ୍ତ ଅବସ୍ଥାରେ ଅଟଳ ରହିଲେ ବିରୋଧୀ ଶକ୍ତିର ଆକ୍ରମଣ ବ୍ୟର୍ଥ ହୁଏ । ଏହିପରି ବ୍ୟର୍ଥ ହେବା ଦ୍ୱାରା ବିରୋଧୀ ଶକ୍ତିର ଆକ୍ରମଣ କ୍ରମଶଃ ହ୍ରାସ ପାଇ ଶେଷରେ ସାଧକ ସେହି ଦୁର୍ଗୁଣରୁ ମୁକ୍ତ ହୁଏ ଅର୍ଥାତ୍ ସେହି ଦୁର୍ଗୁଣର ରୂପାନ୍ତର ହୁଏ । କ୍ରୋଧ ଅବସ୍ଥାରେ ମନୁଷ୍ୟ ଯେଉଁ କଥାବାର୍ତ୍ତା କରେ ସେଥିରେ ସମସ୍ୟାର ସମାଧାନ ନ ହୋଇ ଝଗଡ଼ା ବଢ଼େ । ପ୍ରଶାନ୍ତ ଅବସ୍ଥାରେ ଶବ୍ଦର ମୂଲ୍ୟ ଏବଂ ପ୍ରଭାବ ଥାଏ, ଏଣୁ ସମସ୍ୟାର ସମାଧାନ ସହଜରେ ହୋଇପାରେ । ଯଦି ସାଧକ ବିଚାର କରେ, ‘ମୋର ଏଥିରେ କୌଣସି ଦୋଷ ନାହିଁ, ଅମୁକ ବ୍ୟକ୍ତି ନିର୍ଦ୍ଦୋଷରେ ବିନା କାରଣରେ ବ୍ୟର୍ଥରେ ମୋତେ ଅପମାନିତ କରୁଅଛି ।’ ଏହି ବିଚାର ସଙ୍ଗେ ସଙ୍ଗେ ସାଧକ ମଧ୍ୟରେ କ୍ରୋଧ ଦେଖାଦିଏ । କ୍ରୋଧର ପ୍ରକାଶରେ ବିବେକ, ସଦ୍‌ବୁଦ୍ଧି ନଷ୍ଟ ହୁଏ । ସାଧକ ବିରୋଧୀ ଆକ୍ରମଣର ଅଧୀନ ହୋଇଯାଏ । ପରିସ୍ଥିତି ଅନୁସାରେ ସାଧକକୁ ପ୍ରେରଣା ଦେଇ ଅନୁଚିତ କାର୍ଯ୍ୟ କରାଇନିଏ । ଏହାହିଁ ବିରୋଧୀ ଶକ୍ତିର ବିଜୟ, ଉଦ୍ଦେଶ୍ୟ-ସିଦ୍ଧି । ଏଠାରେ କାହାର ଦୋଷ, କିଏ ନିର୍ଦ୍ଦୋଷ ଏହାର ମୂଲ୍ୟ ନାହିଁ; ମୂଲ୍ୟ କେବଳ କ୍ରୋଧର ବଶ ହେବା ଅଥବା

ନ ହେବା । ଠିକ୍ କ୍ରୋଧ ସଦୃଶ ବିରୋଧୀ ଶକ୍ତି କାମ-ଶକ୍ତି ରୂପେ ନାନାପ୍ରକାର କଳ କୌଶଳ କରି, ସାଧକ ପୁରୁଷ ହେଲେ ସ୍ତ୍ରୀ ଦ୍ୱାରା, ସ୍ତ୍ରୀ ହେଲେ ପୁରୁଷ ଦ୍ୱାରା କାମକେନ୍ଦ୍ରକୁ ଆକ୍ରମଣ କରେ । ପରିସ୍ଥିତି ଅନୁସାରେ ବ୍ୟକ୍ତିଗତ ଭାବରେ ପରସ୍ପର ମଧ୍ୟରେ ଭାବ ଆଦାନପ୍ରଦାନ ଦ୍ୱାରା ଅଥବା ସାମାଜିକ ବିଧିବିଧାନ, ଅର୍ଥପ୍ରଲୋଭନ ସହିତ ପିତାମାତାଙ୍କ ଦ୍ୱାରା ପ୍ରସ୍ତାବ ଉପସ୍ଥାପିତ କରେ । ପ୍ରଥମରେ ସାଧକକୁ ସିଧାସିଧା ଦୂଷିତ ଭାବରେ ଆକ୍ରମଣ କରେ ନାହିଁ, ଆକର୍ଷଣ କରେ ଶାନ୍ତ ସୁଶୀଳ ଭଗବତ୍ ଭକ୍ତି, ବିଦ୍ୟାବୁଦ୍ଧି ଓ ଗୁଣାଦି ଦ୍ୱାରା । ଯେଉଁ ସାଧକର ଭଗବାନଙ୍କ କୃପାରୁ ଅନ୍ତରାତ୍ମା ଜାଗ୍ରତ୍ ଥାଏ, ସେ ମୋହିତ ନ ହୋଇ ଏହି ଆକ୍ରମଣର ଆରମ୍ଭରୁ ବିରୋଧୀ ଶକ୍ତିର କୌଶଳକୁ ବୁଝିପାରେ ଏବଂ ତା'ର ପ୍ରତିକାର କରେ । ଯଦି ସାଧକ ବୁଝି ନ ପାରେ ତେବେ ବିରୋଧୀ ଶକ୍ତିର କ୍ରିୟା କ୍ରମଶଃ ବଢ଼େ । ଏ ଅବସ୍ଥାରେ ସାଧକ ସଚେତ ନ ହେଲେ ଭଗବାନ୍ ସାଧକକୁ ସଚେତ କରାଇ ଦିଅନ୍ତି । କୌଣସି ସାଧକ ସଚେତ ହୋଇ, ଆସକ୍ତିବଶତଃ ଏହାକୁ ବର୍ଜନ କରିପାରେ ନାହିଁ ଅଥବା ଆକ୍ରମଣକାରୀ ତରଫରୁ ଅତ୍ୟଧିକ ଆସକ୍ତି ଓ ମୋହର ପ୍ରଭାବ ସାମନାରେ ସାଧକର ବୁଦ୍ଧି, ବିବେକ, ଦୃଢ଼ ସଂକଳ୍ପ ଦୁର୍ବଳ ହୋଇପଡ଼େ । ଏହି ଅବସ୍ଥାରେ ସାଧକ ନିଜ ରକ୍ଷା ସକାଶେ ଭଗବାନଙ୍କୁ ନ ଡାକିଲେ ସୁଦ୍ଧା ଭଗବାନ୍ ସ୍ୱୟଂ ହସ୍ତକ୍ଷେପ କରନ୍ତି, ପାରିପାର୍ଶ୍ୱିକ ଅବସ୍ଥାରେ ଚାପଦେଇ ସେହି ଅବସ୍ଥାରୁ ସାଧକକୁ ମୁକ୍ତ କରିଦିଅନ୍ତି । ବିରୋଧୀ ଶକ୍ତି ଏତେ କୌଶଳରେ ଆକ୍ରମଣ କରେ, ଏପରି ଛଦ୍ମବେଶ ଧାରଣ କରି ପରାମର୍ଶ ଦିଏ ଯେ ସାଧକ ଅଧିକ ସଚେତ ନ ଥିଲେ କୌଣସିମତେ ବିରୋଧୀ ଶକ୍ତିର ଛଳନାକୁ ବୁଝିପାରେ ନାହିଁ । କିନ୍ତୁ ଭଗବାନ୍ ଦୟାମୟ । ସାଧକର ଆତ୍ମସମର୍ପଣ ଆରମ୍ଭରୁ ଏପରିକି ତା'ର ଆତ୍ମସମର୍ପଣର ପୂର୍ବ ଅଜ୍ଞାତ ଅବସ୍ଥାରୁ, ଛୋଟ ଶିଶୁ ଅବସ୍ଥାରୁ ଭଗବାନ୍ ତାକୁ ପ୍ରତି ମୁହୂର୍ତ୍ତରେ ସମସ୍ତ ବିପଦ ଆପଦ, ବିରୋଧୀ ଶକ୍ତିର ଆକ୍ରମଣରୁ ରକ୍ଷା କରି ଆସୁଥାଆନ୍ତି ।

କାମର ଆକ୍ରମଣ ସାଧକ ପକ୍ଷରେ ବହୁତ ବିପଜ୍ଜନକ । ଏଥିରେ ଥରେ ପତନ ହେଲେ ତାହାର ସର୍ବନାଶ ହୁଏ, ଜୀବନ ବ୍ୟର୍ଥ ହୁଏ । ସେଥିରୁ ଉଦ୍ଧାର ପାଇବାର ଏକମାତ୍ର ଉପାୟ ଭଗବତ୍ ଆଶ୍ରୟ ଓ ଭଗବତ୍ କୃପା । ଭଗବତ୍ କୃପାର ଆଶ୍ରୟରେ ସାଧକ ଜଗତର ସମସ୍ତ ମହିଳାମାନଙ୍କୁ ଆଦ୍ୟାଶକ୍ତି ଜଗଜ୍ଜନନୀଙ୍କ ପ୍ରତିମୂର୍ତ୍ତି ମା' ରୂପେ ମାନିବା ଉଚିତ । ମହିଳାମାନେ ଆଦ୍ୟାଶକ୍ତିର ଅଂଶସ୍ୱରୂପା, ମହାମାୟା । ସାଧକ ବ୍ୟକ୍ତିଗତ ପ୍ରଯତ୍ନ, ବିବେକ, ଜ୍ଞାନ, ବିଚାର, ନିଜ ଯୋଗଶକ୍ତି ବଳରେ ମହାମାୟାଙ୍କ ମାୟାରୁ ଉଦ୍ଧାର ହେବା ବହୁତ କଠିନ । ଏପରି ବହୁତ ବଡ଼ ବଡ଼ ତପସ୍ୱୀ, ଋଷିମାନେ ମହାମାୟାଙ୍କ କବଳରେ ପଡ଼ି ପତିତ ହୋଇଛନ୍ତି । କିନ୍ତୁ ଏହି ମହାମାୟାଙ୍କ ମାୟାରୁ ରକ୍ଷା ପାଇବାକୁ ହେଲେ ଭଗବତ୍ କୃପା ଆଶ୍ରୟରେ ସେମାନଙ୍କ ଶିଶୁସନ୍ତାନ ହୋଇଯିବା ଛଡ଼ା ଅନ୍ୟ କୌଣସି ଉପାୟ ନାହିଁ । ସେମାନେ ନିଜ ଶକ୍ତି ଭୁଲି ଯାଆନ୍ତି ନିଜ ଶିଶୁ ସାମନାରେ । ସେମାନଙ୍କ ମାତୃସ୍ନେହ ଓ ବାତ୍ସଲ୍ୟର ପ୍ରବାହରେ ସମସ୍ତ ଶକ୍ତି, କଳକୌଶଳ, ମାୟା ପ୍ରବାହିତ ହୋଇଯାଏ । ମା' ନିଜ ସନ୍ତାନ ସକାଶେ ନିଜର ସ୍ୱାର୍ଥ, ଭୋଗ, ସୁଖ, ଅୟସ, ଆରାମକୁ ବଳିଦିଏ । ମା' ଶବ୍ଦ କେତେ ମଧୁର, କେତେ ପବିତ୍ର, କେତେ ଆନନ୍ଦଦାୟକ, ଏହା ଶିଶୁବତ୍ସଳା ମା' ଅନୁଭବ କରିପାରେ । କୌଣସି ମହିଳା ଯେତେ ଅପ୍ରସନ୍ନା ହୋଇଥାଉ ନା କାହିଁକି, ମା' ଶବ୍ଦ ଶୁଣିବାମାତ୍ରେ ସେ ସବୁ ଭୁଲି ମୁଗ୍ଧ ହୋଇଯାଏ । ସେଥିପାଇଁ ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ସଂସାରର ସମସ୍ତ ମହିଳାମାନଙ୍କୁ ଆଦ୍ୟାଶକ୍ତି ଜଗଜ୍ଜନନୀରୂପେ ଦେଖିବା ହେଲା ସାଧକର ରକ୍ଷାକବଚ । ପରିସ୍ଥିତି, ସ୍ଥଳବିଶେଷରେ ବ୍ୟକ୍ତିଗତ ସମ୍ପର୍କ, ପରିଚିତ ଓ ଅପରିଚିତ ଅବସ୍ଥାରେ ସାଧକ ଭିନ୍ନ ଭିନ୍ନ ରୂପେ ବାହ୍ୟ ବ୍ୟବହାର କରିପାରେ, କିନ୍ତୁ ଅନ୍ତରରେ ସମାନ ଭାବରେ ପ୍ରତ୍ୟେକ ମହିଳାମାନଙ୍କ ପ୍ରତି ମାତୃଭାବ ରଖିବା ଉଚିତ । ସାଧକ ଯେପରି ସମସ୍ତ ନାରୀମାନଙ୍କୁ ଜଗଜ୍ଜନନୀ ଅଂଶୀଭୂତା ମା'ରୂପେ ମାନିବା ଉଚିତ, ସେହିପରି ସାଧନାଯୁକ୍ତା ମା'ମାନଙ୍କ ପକ୍ଷରେ ବ୍ୟକ୍ତିଙ୍କୁ ଜଗତ୍‌ପିତା ଈଶ୍ୱରଙ୍କ ଅଂଶ, ଈଶ୍ୱରଙ୍କ ପ୍ରତିମୂର୍ତ୍ତି ବୋଲି ଧାରଣା କରିବା ଉଚିତ । ସାଧକର ପତନର କାରଣ ଯେପରି ସ୍ତ୍ରୀ, ସେହିପରି ସାଧନଯୁକ୍ତା ମା'ର ପତନର କାରଣ ପୁରୁଷ । ଉଭୟଙ୍କ ସକାଶେ ଏହି ପତନରୁ ମୁକ୍ତ ହେବା ଆବଶ୍ୟକ । ଏହି ନିୟମ ଗୃହତ୍ୟାଗୀ ସାଧକ-ସାଧିକାମାନଙ୍କ ସକାଶେ । ଯେଉଁମାନେ ଗୃହସ୍ଥାଶ୍ରମରେ ରହି ସାଧନା କରୁଅଛନ୍ତି, ସେମାନେ ଯଦି ବ୍ରହ୍ମଚର୍ଯ୍ୟ

ପାଳନରେ ନିଜକୁ ଅସମର୍ଥ ମନେ କରନ୍ତି, ତେବେ ସେମାନେ ଶାସ୍ତ୍ରବିଧାନାନୁସାରେ ସନ୍ତାନ ଉତ୍ପତ୍ତି କରିପାରନ୍ତି, କିନ୍ତୁ ଏହା ସୀମିତ ହେବା ଉଚିତ । ଗୃହସ୍ଥାଶ୍ରମୀ ସାଧକମାନଙ୍କର ଲକ୍ଷ୍ୟପ୍ରାପ୍ତି ନିମିତ୍ତ ଦୃଢ଼ ସଂକଳ୍ପ ଥିଲେ ସାଧନାର ଏପରି ଅବସ୍ଥା ଆସେ ଯେଉଁଥିରେ ସାଧକ ପରିବାର ସହିତ ରହି ମଧ୍ୟ ଭଗବାନଙ୍କ କୃପାରୁ ସହଜରେ ବ୍ରହ୍ମଚର୍ଯ୍ୟ ପାଳନ କରିପାରେ । ବ୍ରହ୍ମଚର୍ଯ୍ୟ ପାଳନ ବ୍ୟତିରେକେ ଲକ୍ଷ୍ୟସିଦ୍ଧି ଅସମ୍ଭବ ।

ଭକ୍ତ ଗୃହସ୍ଥାଶ୍ରମରେ ରହୁ ବା ସନ୍ନ୍ୟାସୀ ହେଉ, ଅଧ୍ୟାତ୍ମ ନିୟମ ଉଭୟଙ୍କ ସକାଶେ ସମାନ । ଗୃହସ୍ଥାଶ୍ରମର ଭକ୍ତଙ୍କ ସକାଶେ ଅଧ୍ୟାତ୍ମ ନିୟମ କିଛି ଅପେକ୍ଷାକୃତ ସହଜ ହୁଏ ବା ବାଧାବିପତ୍ତି କମ୍ ଆସେ ତାହା ନୁହେଁ । ଉଭୟ ଭକ୍ତଙ୍କୁ ଅଖଣ୍ଡ ବ୍ରହ୍ମଚର୍ଯ୍ୟରେ ରହିବାକୁ ହୁଏ । ସମସ୍ତ ପ୍ରକାର ସାଂସାରିକ ଆସକ୍ତି, ମାନ, ପ୍ରତିଷ୍ଠାରୁ ଉଦାସୀନ ହେବାକୁ ପଡ଼େ । ପାରିବାରିକ ସ୍ନେହ, ଆସକ୍ତିରୁ ନିର୍ଲିପ୍ତ ରହିବାକୁ ହୁଏ । ଏହା ବୋଲି ଗୃହସ୍ଥାଶ୍ରମ ଭକ୍ତମାନଙ୍କର ଭୟ କରିବାର କାରଣ ନାହିଁ । ଏହା ତ' ସାଧନାର ଅନ୍ତିମ ଅବସ୍ଥାର ବିଷୟ । ଗୃହସ୍ଥାଶ୍ରମର ପ୍ରାଥମିକ ସାଧକର ଓ ଗୃହତ୍ୟାଗୀ ସନ୍ନ୍ୟାସୀର ପ୍ରଥମ ଅବସ୍ଥାରେ; ସମାନଭାବେ କାମନା-ବାସନା ଥାଏ । ସାଧନା ଦ୍ୱାରା ସାଧକ ମଧ୍ୟରେ ଶାନ୍ତି, ସନ୍ତୋଷ, ଆନନ୍ଦ, ବୈରାଗ୍ୟ, ଜ୍ଞାନ, ଭକ୍ତି ବୃଦ୍ଧି ହେବା ଅନୁପାତରେ କାମନା-ବାସନାଦି ଦୁର୍ଗୁଣ କମ୍ ହେବାକୁ ଲାଗେ । ଦୁର୍ଗୁଣ ଦୂର ହେବା ପରେ ସାଧନା ଆରମ୍ଭ କରିବାକୁ ଯଦି କେହି ଅପେକ୍ଷା କରେ, ତା'ହେଲେ ଦୁର୍ଗୁଣ ତା'ର ଯାଏ ନାହିଁ କି ସେ ସାଧନା ଆରମ୍ଭ କରିପାରେ ନାହିଁ । ସାଧନା ଦ୍ୱାରା ବ୍ୟକ୍ତି ମଧ୍ୟରେ ଭକ୍ତି, ଆନନ୍ଦ, ଜ୍ଞାନ, ଶାନ୍ତି, ସନ୍ତୋଷାଦି ଗୁଣ ପ୍ରତିଷ୍ଠିତ ହେଲେ ସେହି ଅନୁପାତରେ ଦୁର୍ଗୁଣ କମ୍ ହୁଏ ।

## ବାଧାବିପତ୍ତି ଦ୍ୱାରା ସାଧନାରେ ଉନ୍ନତି

ପୂର୍ବେ ଆଲୋଚିତ ହୋଇଛି ଯେ ସାଧକ ସାଧନା ଆରମ୍ଭ କରିବା ସମୟରେ ତା'ର ଅନ୍ତରାତ୍ମା (Psychic being) ପର୍ଯ୍ୟାପ୍ତ ଭାବେ ଜାଗ୍ରତ୍ ହୋଇ ମନ-ପ୍ରାଣକୁ ନିଜ ପ୍ରଭାବରେ ପ୍ରଭାବିତ ନ କରିଥିଲେ ବିରୋଧୀ ଶକ୍ତିଙ୍କ ପରାମର୍ଶ, ପ୍ରେରଣା ଓ ଛଦ୍ମବେଶକୁ ସାଧକ ଚିହ୍ନି ନ ପାରି ସମର୍ଥନ କରେ ଏବଂ ସେଥିଯୋଗୁଁହିଁ ସାଧନାମାର୍ଗରେ ବାଧା ଆସେ । ସେହି ବାଧା ମଧ୍ୟ ଦେଇ ବିରୋଧୀ ତତ୍ତ୍ୱଙ୍କୁ ଚିହ୍ନି ପାରିବାର ଜ୍ଞାନ, ସେସବୁଙ୍କୁ ଅତିକ୍ରମ କରିବାର ଶକ୍ତି ସାଧକ ମା'ଙ୍କଠାରୁ ପ୍ରାପ୍ତ କରେ ।

ଅନ୍ତରାତ୍ମା ଜାଗ୍ରତ୍ ହୋଇ ସାଧକକୁ ପରିଚାଳିତ କରିବା ଅବସ୍ଥାରେ ବିରୋଧୀ ଭାବ ଏବଂ ବିରୋଧୀ ଶକ୍ତିଙ୍କ ଛଦ୍ମବେଶ ଏବଂ କ୍ରିୟାକୁ ଜାଣିବାରେ ସାଧକର ଅସୁବିଧା ହୁଏ ନାହିଁ । ସେସବୁଙ୍କ କବଳରୁ ମୁକ୍ତ ହେବାର ପ୍ରଣାଳୀ ସେ ଅନ୍ତରାତ୍ମାର ପ୍ରେରଣାରୁ ପାଏ । କିନ୍ତୁ ଗୋଟାଏ ବଡ଼ ଅନୁଭୂତି ଆସିବା ପୂର୍ବରୁ ତା'ର ପ୍ରତିଷ୍ଠା ସକାଶେ ଆଧାର ତିଆରି କରିବା ପାଇଁ ବିରୋଧୀ ଶକ୍ତିର ବାଧାକୁ ସାଧକ ମଧ୍ୟରେ କାର୍ଯ୍ୟ କରିବାକୁ ଭଗବାନ୍ ନିଷେଧ କରନ୍ତି ନାହିଁ, କାରଣ ବାଧାରୁ ମୁକ୍ତ ହେବା ସକାଶେ ସାଧକ ମଧ୍ୟରେ ତୀବ୍ର ଅଭୀପ୍ସା ଉତ୍ପନ୍ନ ହୁଏ ଏବଂ ସେ ଶାନ୍ତି, ଜ୍ୟୋତିଃ, ଶକ୍ତି, ଭକ୍ତି, ଜ୍ଞାନାଦିକୁ ଆବାହନ କରେ । ସାଧାରଣ ଅବସ୍ଥାରେ ଯେଉଁ ଅଧ୍ୟାତ୍ମ ଉନ୍ନତି ସାଧକ ଛଅ ମାସରେ କରିପାରି ଥାଆନ୍ତା, ବାଧା ଯୋଗୁଁ ସେହି ଉନ୍ନତି ଛଅ ଦିନରେ କିଂବା ଛଅ ଘଣ୍ଟାରେ କରିପାରେ । ଯେପର୍ଯ୍ୟନ୍ତ ସାଧକ ବାଧାର ସ୍ୱରୂପ ନ ଜାଣେ, ତାକୁ ଅତିକ୍ରମ କରିବାର ପ୍ରେରଣା ନ ପାଏ ସେପର୍ଯ୍ୟନ୍ତ ବାଧା ପ୍ରକୃତରେହିଁ ବାଧା ରୂପରେ ରହିଥାଏ, କିନ୍ତୁ ସାଧକ ଏସବୁକୁ ଜାଣିବା ପରେ ବାଧା ଯଥାର୍ଥରେ ସାଧନାରେ ସହାୟକ ହୁଏ । ସାଧକର କେବେବି ବାଧା ଚାହିଁବା ଉଚିତ ନୁହେଁ । ଯଦି ସାଧକ ବାଧା ଚାହେଁ ତେବେ ତାହା ସାଧନାରେ ସହାୟକ ନ ହୋଇ ପ୍ରକୃତ ବାଧାରେ ପରିଣତ ହୁଏ ।

ବାଧା ଆସେ ସାଧକ ଯେତେବେଳେ ଗୋଟିଏ ଚେତନାସ୍ତରରୁ ଉଚ୍ଚତର ଚେତନାସ୍ତରକୁ ଆରୋହଣ କରେ । କାରଣ ସାଧକର ମନ-ପ୍ରାଣର ଏପରି ସ୍ୱଭାବ ଯେ ସେସବୁ ପୁରାତନ ଅଭ୍ୟାସ ଛାଡ଼ିବାକୁ ଚାହାନ୍ତି ନାହିଁ । ମନ,

ପ୍ରାଣର ଯେଉଁ ଭାଗ ପରିବର୍ତ୍ତନ ହେବା ଆବଶ୍ୟକ, ମନ, ପ୍ରାଣ ସ୍ୱୟଂ ଯେପର୍ଯ୍ୟନ୍ତ ସେହି ଭାଗକୁ ଭାଗବତୀ ଶକ୍ତି ପାଖରେ ସ୍ୱ-ଇଚ୍ଛାରେ ସମର୍ପଣ କରନ୍ତି ନାହିଁ, ସେପର୍ଯ୍ୟନ୍ତ ସେହିସବୁ ଭାଗରେ ଭାଗବତୀ ଶକ୍ତି ବଳପୂର୍ବକ କ୍ରିୟା କରନ୍ତି ନାହିଁ । ବିରୋଧୀ ଶକ୍ତି ଏପରି ବାଧା ସୃଷ୍ଟି କରନ୍ତି ଯେ ସେହି ଭାଗ ବାଧ ହୋଇ ଭାଗବତୀ ଶକ୍ତିଙ୍କ ଚରଣରେ ସମର୍ପଣ କରିବାକୁ ଅଭୀପ୍ସା କରେ । ପ୍ରକୃତରେ ବାଧାବିଘ୍ନ ସାଧକର ମିତ୍ର ହୁଅନ୍ତି ଯେବେ ସାଧକ ଭାଗବତୀ ଶକ୍ତିଙ୍କ ପ୍ରତି ବିଶ୍ୱାସ ଓ ଭରସା ରଖି ନିଜ ସାଧନାର ଭାର ତାଙ୍କୁ ଦେଇଦିଏ ଓ ସେ ସାଧନାର ଭାର ଗ୍ରହଣ କରନ୍ତି ।

ବାଧାର ଅନ୍ୟ କାରଣ ହେଲା ସାଧକର ଅହଂ । ଯେତେବେଳେ ସାଧକ ଗୋଟାଏ ବଡ଼ ଆକ୍ରମଣ ଉପରେ ଭଗବଦ୍ କୃପାରୁ ବିଜୟ ପ୍ରାପ୍ତ କରେ ଆଉ ନିଜ ମଧ୍ୟରେ ରହିଥିବା ଆସକ୍ତି, ଯଶୋଲିପ୍ସା, ଅହଂଭାବକୁ ପୋଷଣ କରେ, ଅର୍ଥାତ୍ ଭାବେ, ମୁଁ ବହୁତ ବଡ଼ ବିଜୟ ପ୍ରାପ୍ତ ହେଲି, ମୁଁ ବହୁତ ବଡ଼ ସିଦ୍ଧଯୋଗୀ – ଏହିପରି ଭାବଯୋଗୁଁ ବାଧା ଆସେ । ଯେଉଁ ବ୍ୟକ୍ତି ଭଗବାନଙ୍କ ଚରଣରେ ନିଜକୁ ସମର୍ପଣ କରିଦିଏ ଭଗବାନ୍ ତା' ଦାୟିତ୍ୱ ବହନ କରନ୍ତି 'ଯୋଗକ୍ଷେମଂ ବହାମ୍ୟହମ୍' । ତା' ମଧ୍ୟରେ ଲୁଚି ରହିଥିବା ଲେଶମାତ୍ର ଯଶୋଲିପ୍ସା, କାମାସକ୍ତି, ଅହଂ ଆଦି ଦୋଷର ପ୍ରଭାବ ପର୍ଯ୍ୟନ୍ତ ଭଗବାନ୍ ନିର୍ମମ ଭାବରେ ମୂଳୋତ୍ପାଟନ କରନ୍ତି, ଯେପରି ଶିଶୁର ଶରୀରରେ ହୋଇଥିବା ବଥକୁ ମା' ନିର୍ଦ୍ଦୟ ଭାବରେ ଚିରେ, ନୀରୋଗ କରେ ଏବଂ ଶିଶୁର କଷ୍ଟ, ବ୍ୟାକୁଳ କ୍ରନ୍ଦନକୁ ପାଷାଣବତ୍ ହୃଦୟରେ ସହେ ସେହିପରି ଭଗବାନ୍ କରନ୍ତି ।

ସାଧକକୁ ଆକ୍ରମଣ କରି ଧରାଶାୟୀ କରିବା ପାଇଁ ବିରୋଧୀ ଶକ୍ତି ସବୁ ସମୟରେ ତିଆରି ହୋଇ ବସିଥାଆନ୍ତି । କିନ୍ତୁ ଭଗବାନଙ୍କର ରକ୍ଷାକବଚ ଏପରି ଦୃଢ଼ ଥାଏ ଯେ ସେମାନେ ପ୍ରବେଶ କରି କିଛି କରିପାରନ୍ତି ନାହିଁ । ଯେତେବେଳେ ଭକ୍ତ ମଧ୍ୟରୁ କୌଣସି ଦୁର୍ଗୁଣ ଦୂର କରିବାକୁ ହୁଏ ସେତେବେଳେ ଭଗବାନ୍ ନିଜ ରକ୍ଷାକବଚ ସେତିକିମାତ୍ର ଢିଲା କରନ୍ତି ଯେତିକି ବାଧାରେ ସାଧକର ଦୋଷ ସଂଶୋଧନ ହେବ ଅଥଚ ତାହାର ପତନ ହେବ ନାହିଁ । ଭଗବାନଙ୍କ ଅଭିପ୍ରାୟ ଦେଖି ତତ୍କ୍ଷଣାତ୍ ବିରୋଧୀ ଶକ୍ତି ବାଧା ସୃଷ୍ଟି କରନ୍ତି । ସେମାନଙ୍କ ପାଖରେ ବାଧା ସୃଷ୍ଟି କରିବାର ବସ୍ତୁ ତ' ଅଭାବ ନ ଥାଏ, କ୍ଷଣକରେ ସମସ୍ତ ପ୍ରସ୍ତୁତ କରିଦିଅନ୍ତି । ସାଧକର ଯେଉଁ ବସ୍ତୁରେ ଆସକ୍ତି ଥାଏ ସେଥିରେ ଗୋଟିଏ ମିଥ୍ୟା ସୃଷ୍ଟି କରି, ମିଥ୍ୟା କଳଙ୍କ, ମିଥ୍ୟା ଅପଯଶଃ ଆରୋପ କରିଦିଅନ୍ତି । ଏଥିରେ ସାଧକର ଯଥାର୍ଥରେ ପତନ ହୁଏ ନାହିଁ, କିନ୍ତୁ ପତନ ହେବାପରି ବେଦନା ହୁଏ । ସେହି ବେଦନା ଯୋଗୁଁ ବାଧା ଆସୁଥିବା ଆସକ୍ତିରେ ସାଧକର ବୈରାଗ୍ୟ ଜାତ ହୁଏ, ସେ ଅଭୀପ୍ସା କରେ ସେଥିରୁ ଉଦ୍ଧାର ପାଇବାକୁ, ବ୍ୟାକୁଳ ହୋଇ ଭଗବାନଙ୍କ ଶକ୍ତିକୁ ଆବାହନ କରେ । ଏହି ବାଧା ଦ୍ୱାରା ସାଧକ ଦୋଷରୁ ନିବୃତ୍ତ ହୁଏ ଅଥଚ ଅଧ୍ୟାତ୍ମ ମାର୍ଗରେ କୌଣସି କ୍ଷତି ହୁଏ ନାହିଁ ।

## ନାରଦଙ୍କ ମୋହ

ଋଷିଶ୍ରେଷ୍ଠ ନାରଦଙ୍କ ଗତି ସର୍ବତ୍ର । ସେ ମନେ କରିବା ମାତ୍ରେ ସର୍ବତ୍ର ପହଞ୍ଚି ଯାଆନ୍ତି । ସେଥିପାଇଁ ତାଙ୍କୁ କୁହାଯାଏ ମନଯାନୀ । ଦିନେ ଭଗବଦ୍ ଧ୍ୟାନ, ଭଗବଦ୍ ଗୁଣଗାନରେ ନିମଗ୍ନ ରହି ବୀଣା ବାଦନପୂର୍ବକ ହିମାଳୟରେ ଶ୍ରୀପତିତପାବନୀ ଗଙ୍ଗାତଟରେ ସେ ପହଞ୍ଚିଲେ । ସେ ସ୍ଥାନର ପବିତ୍ର ବାତାବରଣ, ପ୍ରାକୃତିକ ଶୋଭା ଦେଖି ତାଙ୍କ ମନ, ପ୍ରାଣାଦି ସମସ୍ତ ଇନ୍ଦ୍ରିୟ ଭଗବଦ୍ ଦିବ୍ୟାନନ୍ଦରେ ନିମଗ୍ନ ହୋଇଗଲା । ସେହି ଗଙ୍ଗାତଟରେ ଗୋଟିଏ ଗୁମ୍ଫା ମଧ୍ୟରେ ବସିବା ମାତ୍ରେ ସେ ସମାଧିସ୍ଥ ହୋଇଗଲେ । ସେ ଗୋଟିଏ ସ୍ଥାନରେ ଅଧିକ ସମୟ ରହି ପାରିବେ ନାହିଁ ବୋଲି ଦକ୍ଷପ୍ରଜାପତିଙ୍କର ଯେଉଁ ଅଭିଶାପ ଥିଲା, ସେ ସମୟରେ ସେହି ଅଭିଶାପ ବନ୍ଧନରୁ ସେ ମୁକ୍ତ ହୋଇଗଲେ । କାରଣ ଅଭିଶାପକୁ ପାଳନ କରିବାର ସତ୍ତା ମନ, ପ୍ରାଣର କ୍ରିୟା ସେତେବେଳେ ନ ଥିଲା, ଅଭିଶାପର ନିୟମକୁ ସ୍ମରଣ କରନ୍ତା କିଏ ?

ସ୍ୱାର୍ଥୀ ଦେବତାମାନେ ତପସ୍ୟାକୁ ସଦୈବ ଭୟ କରନ୍ତି । ଅସୁରମାନେ ତପସ୍ୟା କରି ବାରଂବାର ସ୍ୱର୍ଗ

ଅଧିକାର କରି ସେମାନଙ୍କର ଭୋଗ ବିଳାସ ବସ୍ତୁକୁ ଅପହରଣ କରି ନିଅନ୍ତି । ସେମାନଙ୍କୁ ଜୀବନ-ରକ୍ଷା କରିବା ସକାଶେ ସ୍ୱର୍ଗ ଛାଡ଼ି ଜଙ୍ଗଲ, ପାହାଡ଼ରେ ଆଶ୍ରୟ ନେବାକୁ ହୁଏ । ସେହି କାରଣରୁ କୌଣସି ଋଷି, ମୁନି ତପସ୍ୟା କଲେ, ନିଜର ସ୍ୱର୍ଗ-ଅଧିକାର ଚାଲିଯିବା ଆଶଙ୍କାରେ ଦେବତାମାନେ ତପସ୍ୟା ନଷ୍ଟ କରିବାକୁ ବାରଂବାର ଚେଷ୍ଟା କରନ୍ତି ।

ନିଯୁକ୍ତ ହୋଇଥିବା ଅନୁଚରଙ୍କଠାରୁ ସୁନାସୀର ନାରଦଙ୍କ ତପସ୍ୟା ସମ୍ବାଦ ପାଇ ତପସ୍ୟାବିଜେତା ମଦନ ଓ ତାଙ୍କ ପତ୍ନୀ ରତିଦେବୀ, ତାଙ୍କ ସହକାରିଣୀଗଣ ବସନ୍ତ ଏବଂ ଉର୍ବଶୀ, ମେନକାଦି ଅପ୍‌ସରାମାନଙ୍କୁ ଡାକି ଭଗବତ୍ ପରମ ଭକ୍ତ ଋଷି ନାରଦଙ୍କ ତପସ୍ୟା ଭଙ୍ଗ କରିବାକୁ ଆଦେଶ ଦେଲେ । କାମଦେବ ଯଦ୍ୟପି ତପସ୍ୟା ଭଙ୍ଗ କଳାରେ ପ୍ରବୀଣ ତଥାପି ନାରଦଙ୍କ କଥା ଶୁଣି ତାଙ୍କର ଏହି କାର୍ଯ୍ୟରେ ବିଶେଷ ଉତ୍ସାହ ହେଲା ନାହିଁ । ତେବେ ବି ରାଜାଜ୍ଞା ମାନିବା ଉଚିତ । ତା'ଛଡ଼ା ଅର୍ଦ୍ଧଗୋଲାର୍ଦ୍ଧ ଅନ୍ତର୍ଗତ ସମସ୍ତ ଭୂମଣ୍ଡଳର ଏକଛତ୍ର ଅଧୀଶ୍ୱର, ସେ ଯୁଦ୍ଧରେ ପଶ୍ଚାତ୍‌ପଦ ହେବେ କିପରି ?

କାମଦେବ ନାରଦଙ୍କ ତପସ୍ୟା ସ୍ଥଳରେ ପହଞ୍ଚିବା ମାତ୍ରେ ପୁଷ୍ପ ସୁଗନ୍ଧଯୁକ୍ତ ମଳୟ ପବନ ବହିଲା । ତାଙ୍କ ପ୍ରଭାବରେ କଥା କଥାରେ ଦିବ୍ୟ ଉପବନ ନିର୍ମାଣ ହୋଇଗଲା । ଉର୍ବଶୀ, ମେନକାଦି ଅପ୍‌ସରାବୃନ୍ଦ ନାନା ତାନତରଙ୍ଗରେ ଗୀତ, ବାଦ୍ୟ ସହିତ ବିବିଧ ପ୍ରକାର ଅଙ୍ଗଭଙ୍ଗୀରେ ନୃତ୍ୟ କରିବାକୁ ଲାଗିଲେ । କିନ୍ତୁ ନାରଦଙ୍କ ସମାଧିରେ କିଛି ମାତ୍ର ବିକ୍ଷୋଭ ହେଲା ନାହିଁ । ବ୍ରହ୍ମାଣ୍ଡର ଈଶ୍ୱର ଶଙ୍କରଙ୍କ ବିଜେତା କାମଦେବ ନିଜ ପରାସ୍ତର ଅପମାନ ବରଦାସ୍ତ କରି ପାରିଲେ ନାହିଁ; ରୋଷପୂର୍ବକ ମକରଧନୁରେ ଆମ୍ରବକୁଳ ଶର ସଂଧାନ କରି, ଆକର୍ଣ୍ଣ ଆମଞ୍ଚନ କରି ନାରଦଙ୍କ କାମକେନ୍ଦ୍ରକୁ ଲକ୍ଷ୍ୟ କରି ନିକ୍ଷେପ କଲେ । ସବୁ ବ୍ୟର୍ଥ ! ନାରଦ ଭାଗବତ ଦିବ୍ୟାନନ୍ଦ ସମାଧିରେ ନିମଗ୍ନ ।

କାମଦେବ ଦେଖି ପାରିଲେ ଭଗବାନଙ୍କ କୃପାକବଚ ନାରଦଙ୍କ ଚତୁଃପାର୍ଶ୍ୱରେ ଦୃଢ଼ଭାବରେ ଆବୃତ ହୋଇ ରହିଅଛି । ମଦନର ସମସ୍ତ ପ୍ରଯତ୍ନ ଭାଗବତ କୃପାକବଚକୁ ଭେଦ କରିବାରେ ଅସମର୍ଥ ହେଲା । ସେ ଭଗବାନ୍ ଶଙ୍କରଙ୍କ ଅଭିଶାପକୁ ସ୍ମରଣ କରି ଭୟରେ କମ୍ପିତ ହେଲେ । ନିଜ ରକ୍ଷାର ଅନ୍ୟ ଉପାୟ ନ ଦେଖି ନାରଦଙ୍କ ଚରଣରେ ପତିତ ହୋଇ ନିଜ ଅପରାଧ ପାଇଁ କ୍ଷମା ପ୍ରାର୍ଥନା କଲେ । ନାରଦଙ୍କଠାରୁ ଆଶ୍ୱାସନା ପାଇ ସ୍ୱର୍ଗକୁ ଫେରିଆସି ଦେବରାଜ ଇନ୍ଦ୍ରଙ୍କୁ ସମସ୍ତ ସମାଚାର କହିଲେ । ନାରଦ ସ୍ୱର୍ଗରାଜ୍ୟ ଚାହୁଁ ନ ଥିବା କଥା ଶୁଣିବାରୁ ଇନ୍ଦ୍ରଙ୍କର ସନ୍ତୋଷ ହେଲା । ସେ ନିଶ୍ଚିତ ହୋଇ ନିଜ ରାଜକାର୍ଯ୍ୟରେ ରତ ହେଲେ ।

ଗୋଟାଏ ବଡ଼ ବାଧାବିପତ୍ତି ଉପରେ ସାଧକ ବିଜୟ ପ୍ରାପ୍ତ କରିବା ପରେ ମନରେ ଗର୍ବ ଆସିଲେ ତାହାର ପରିଣାମ କିପରି ଭୋଗ କରିବାକୁ ହୁଏ, ଏହି ଶିକ୍ଷା ସାଧକମାନଙ୍କୁ ଦେବା ସକାଶେ ସମର୍ପଣ ପ୍ରଧାନ, ଭକ୍ତିର ଆଚାର୍ଯ୍ୟ, ପରମ ଋଷି ନାରଦଙ୍କୁ ଭଗବାନ୍ ଯନ୍ତ୍ର କରିବାକୁ ଚାହିଁଲେ । ନାରଦଙ୍କୁ ଭଗବାନଙ୍କ ମନର ଅବତାର କୁହାଯାଏ । ଭଗବାନଙ୍କ ଚେତନା ସହିତ ତାଙ୍କ ଚେତନା ଏକ । ଭଗବାନଙ୍କ ଇଚ୍ଛା ଅନୁସାରେ ନାରଦ ବୈଷ୍ଣବୀ ମାୟାକୁ ସ୍ୱୀକାର କରିନେଲେ । ତେଣୁ କାମଦେବଙ୍କ ଉପରେ ବିଜୟ ପ୍ରାପ୍ତ କରିବାର ଗର୍ବ ତାଙ୍କ ମନରେ ଆସିଲା । ଯେଉଁ ଭକ୍ତ ନିଜକୁ ପୂର୍ଣ୍ଣତଃ ଭଗବାନଙ୍କୁ ସମର୍ପଣ କରିଦିଏ, ଭଗବାନ୍ ଯାହା ଚାହାନ୍ତି ସେ ତାହାହିଁ ହୁଏ, ସେଥିରେ ଭକ୍ତର ପରମ ଆନନ୍ଦ । ନାରଦ ସମାଧିରୁ ଉପରାମ ହୋଇ ବୀଣାବାଦନପୂର୍ବକ ଶଙ୍କରଙ୍କ ଦର୍ଶନ ଉଦ୍ଦେଶ୍ୟରେ କୈଳାସକୁ ଗଲେ ଏବଂ କଥାପ୍ରସଙ୍ଗରେ ମଦନ ଉପରେ ବିଜୟର ଘଟନାଟି କହିଦେଲେ, ଯେଉଁ ମଦନ ଶଙ୍କରଙ୍କ ତପସ୍ୟାରେ କ୍ଷୋଭ ଉତ୍ପନ୍ନ କରିଥିଲା । ନାରଦଙ୍କ ଅଭିମାନ ଶଙ୍କର ବୁଝି ପାରିଲେ; ସେ ଦୟାପରବଶ ହୋଇ ଏହି ଘଟନା ବିଷ୍ଣୁଙ୍କୁ କହିବାକୁ ନିଷେଧ କଲେ । ନାରଦ ମନେ କଲେ, 'ଶଙ୍କର ନିଜେ କାମଦେବଙ୍କ ଆକ୍ରମଣରେ କ୍ଷୋଭ ପ୍ରାପ୍ତ ହୋଇଥିଲେ, ମାତ୍ର ମୁଁ କାମଦେବଙ୍କ ଏହି ଆକ୍ରମଣରେ ବିଜୟୀ ହେବାରୁ ମୋର ଏହି ଗୌରବକୁ ସେ ଈର୍ଷା କରି ବିଷ୍ଣୁଙ୍କ ପାଖରେ ପ୍ରକାଶ କରିବାକୁ ମନା କରୁଛନ୍ତି ।' ଏତେ ବଡ଼ ପ୍ରଶଂସାର ଖବର ବିଷ୍ଣୁଙ୍କୁ ନ କହି ସେ ରହିବେ କିପରି ? ତତ୍‌କ୍ଷଣାତ୍ ବୈକୁଣ୍ଠକୁ ଯାଇ କଥାପ୍ରସଙ୍ଗରେ କାମଦେବଙ୍କର ସମସ୍ତ ଘଟନା ପ୍ରକାଶ କଲେ ।

କରୁଣାନିଧି ମନବିଖ ବିଚାରି । ଉର ଅଙ୍କୁରେଉ ଗର୍ବତରୁ ଭାରୀ ॥
ବେଗି ସୋ ମୈ ଡାରିହୌ ଉଖାରୀ । ପନ ହମାରା ସେବକ-ହିତକାରୀ ॥
(ରାମଚରିତ ମାନସ – ବାଲ୍ୟକାଣ୍ଡ)

ଅର୍ଥାତ୍ – ''କରୁଣାର ସମୁଦ୍ର ଭଗବାନ୍ ବିଚାର କଲେ, 'ବହୁତ ବଡ଼ ଗର୍ବତରୁ ନାରଦଙ୍କ ହୃଦୟରେ ଅଙ୍କୁରିତ ହେଲାଣି ।' ସେବକର ହିତ କରିବା – ମୋର ଏହି ପ୍ରତିଜ୍ଞା ଅନୁସାରେ ମୁଁ ଏହି ଗର୍ବତରୁକୁ ଶୀଘ୍ର ଉପାଡ଼ି ପକାଇବି ।''

ଭଗବାନ୍ ଭକ୍ତର ହିତ ସାଧନ କାର୍ଯ୍ୟରେ ବିଳମ୍ବ କରନ୍ତି ନାହିଁ । ଭଗବାନ୍ ସଂକଳ୍ପ କରିବା ମାତ୍ରେ, ସମସ୍ତ ତିଆରି ହୋଇଗଲା । ନାରଦ ପ୍ରଣାମ କରି ଫେରିବା ମାର୍ଗରେ ଦେଖିଲେ ଗୋଟିଏ ଆଶ୍ଚର୍ଯ୍ୟଜନକ ନଗରୀ । ବୈକୁଣ୍ଠ, ଗୋଲୋକଠାରୁ ଅଧିକ ଶୋଭାସମ୍ପନ୍ନ ସେ ପୁରୀ । ସେଥିରେ ବାସକରୁଥିବା ନରନାରୀଙ୍କର ରୂପଲାବଣ୍ୟ କାମଦେବ ଓ ରତିଦେବୀଙ୍କ ସୌନ୍ଦର୍ଯ୍ୟକୁ ନିନ୍ଦା କରୁଅଛି । ସେହି ରାଜ୍ୟର ରାଜା ଶୀଳନିଧିଙ୍କର କନ୍ୟା ବିଶ୍ୱମୋହିନୀର ସ୍ୱୟଂବର ଉପଲକ୍ଷେ ସମଗ୍ର ରାଜ୍ୟରେ ଉତ୍ସବ ପାଳନ କରା ହେଉଛି । ନାରଦ ଏହା ଜାଣି କୌତୂହଳବଶତଃ ରାଜମହଲରେ ପହଞ୍ଚିଲେ । ତାଙ୍କର ତ' ଅବାଧ ଗତି । ବଡ଼ ବଡ଼ ଅସୁର ରାଜଙ୍କ ରାଜମହଲରେ ତାଙ୍କର ପୂଜା ହୁଏ । ତାଙ୍କୁ କେଉଁଠାରେ ରୋକାରୋକି ନାହିଁ । ସେ ବିନା କ୍ଲେଶରେ ରାଜଭବନରେ ଉପନୀତ ହେଲେ । ରାଜା ନାରଦଙ୍କୁ ସ୍ୱାଗତ କରି ପାଦ ଅର୍ଘ୍ୟ ଦେଇ ନିଜ ସିଂହାସନରେ ବସାଇଲେ ଏବଂ ନିଜ କନ୍ୟାକୁ ଡକାଇ ପ୍ରଣାମ କରାଇଲେ । ରାଜା କହିଲେ, 'ଏହି ମୋର କନ୍ୟାଟିର ସ୍ୱୟଂବର ହେବ, ଏହାର ଦୋଷଗୁଣ ବିଚାର କରି କହନ୍ତୁ ।' ନାରଦ କନ୍ୟାଟିକୁ ଦେଖି ଏକେବାରେ ଚକିତ ହୋଇଗଲେ ।

ଦେଖି ରୂପ ମୁନି ବିରତି ବିସାରୀ । ବଡ଼ିବାର ଲାଗି ରହେ ନିହାରି ॥
ଲକ୍ଷଣ ତାସୁ ବିଲୋକି ଭୁଲାନେ । ହୃଦୟ ହରଷ ନାହିଁ ପ୍ରଘଟ ବଖାନେ ॥
ଯୋ ଏହି ବରୈ ଅମର ସୋଇ ହୋଇ । ସମର ଭୂମି ତେହି ଜିତ ନକୋଇ ॥
ସେ ବହି ସକଳ ଚରାଚର ତାହି । ବରୈ ଶିଳନିଧି କନ୍ୟା ଜାହି ॥
(ରାମଚରିତ ମାନସ)

ଅର୍ଥାତ୍ – ''ନାରଦ ବହୁତ ସମୟ ପର୍ଯ୍ୟନ୍ତ କନ୍ୟାଟିକୁ ଅପଲକ ଦୃଷ୍ଟିରେ ଅନାଇ ରହିଲେ । କନ୍ୟାଟି ଥିଲା ସୌନ୍ଦର୍ଯ୍ୟାଦି ସମସ୍ତ ଦିବ୍ୟଗୁଣର ସାକ୍ଷାତ୍ ମୂର୍ତ୍ତି । ତା'ର ସୁଲକ୍ଷଣ ଦେଖି ନିଜକୁ ଭୁଲି ଯାଇ ହୃଦୟରେ ଅତ୍ୟନ୍ତ ଆହ୍ଲାଦିତ ହେଲେ, କିନ୍ତୁ ତାହା ପ୍ରକଟ କଲେ ନାହିଁ । ଭାବିଲେ ରାଜକନ୍ୟାର ଏପରି ଲକ୍ଷଣ ଅଛି ଯେ, ଯାହାକୁ ଇଏ ପତିରୂପରେ ବରମାଲ୍ୟ ଦେବ ସେ ଅମର ହେବ; ତାକୁ ସମର ଭୂମିରେ ଚର, ଅଚର, ମନୁଷ୍ୟ, ଦେବତା କେହି ଜିତି ପାରିବେ ନାହିଁ; ତାକୁ ସମସ୍ତ ଚରାଚର, ପୃଥିବୀ ଲୋକ ଓ ସ୍ୱର୍ଗ ଲୋକର ଦେବତା ସକଳ ପୂଜା କରିବେ ।''

ଏହିସବୁ ଦେଖି ମନ ମଧ୍ୟରେ ଏହାକୁ ଗୁପ୍ତ ରଖି ରାଜାଙ୍କୁ କେବଳ, 'ତୋ କନ୍ୟା ସୁଲକ୍ଷଣୀ' କହି ବିଦାହୋଇ ବିଚାର କରିବାକୁ ଲାଗିଲେ – ରାଜକନ୍ୟା ନିଜ ରୂପଗୁଣରେ ଜଗତକୁ ମୋହିତ କରିପାରେ । ତା'ର ସୌନ୍ଦର୍ଯ୍ୟ ସହିତ ଲକ୍ଷ୍ମୀ, ଉମାଙ୍କୁ ତୁଳନା କରାଯାଇ ପାରେ ନାହିଁ । କଠୋର ତପସ୍ୟାର ଫଳସ୍ୱରୂପ ଯାହା ପ୍ରାପ୍ତ ହୁଏ, ଏହି ଅଲୌକିକ ରୂପଗୁଣସମ୍ପନ୍ନା ରାଜକୁମାରୀର ପାଣିଗ୍ରହଣରେ ତାହାସବୁ ମିଳେ । ଫେର୍ ସୁଖପ୍ରଦ ସୁଲଭ ମାର୍ଗ ଛାଡ଼ି କଠୋର ତପସ୍ୟାର ଆବଶ୍ୟକତା କ'ଣ ? କିନ୍ତୁ ରାଜକନ୍ୟାଙ୍କୁ ପ୍ରାପ୍ତ ହେବାର ଉପାୟ କେବଳ ସୌନ୍ଦର୍ଯ୍ୟ ରୂପ । ଯେ ଅଧିକ ଶୋଭାଯୁକ୍ତ ହେବ, ରାଜକନ୍ୟା ତାକୁହିଁ ବରମାଲ୍ୟ ଦେବ । ତପସ୍ୟା ଦ୍ୱାରା ଶୋଭା ମଧ୍ୟ ପ୍ରାପ୍ତ ହୁଏ । ବର୍ତ୍ତମାନ ଉଦ୍‌ବେଗରେ କ'ଣ ଜପତପ ହେବ ? ଫେର ରାଜକନ୍ୟାଙ୍କୁ ପ୍ରାପ୍ତ ହେବାର ଆଉ ଉପାୟ କ'ଣ ? ମୋର ପରମ

ହିତୈଷୀ ଏକମାତ୍ର ଭଗବାନ୍, ତାଙ୍କୁ ମାଗିଲେ ସେ ଅବଶ୍ୟ ତାଙ୍କର ସୁନ୍ଦର ରୂପ ମୋତେ ଦେବେ । ଭଗବାନଙ୍କୁ ସ୍ମରଣ କରିବା ମାତ୍ରେ ସେ ପ୍ରକଟ ହୋଇଗଲେ । ଭଗବାନଙ୍କ ଦର୍ଶନରେ ନାରଦଙ୍କୁ ବଡ଼ ଆନନ୍ଦ ଲାଗିଲା, ତାଙ୍କ କାର୍ଯ୍ୟ ଅବଶ୍ୟ ସିଦ୍ଧ ହେବ ବୋଲି ସେ ମନେକଲେ । ନାରଦ କହିଲେ, ବର୍ତ୍ତମାନ କହିବା ଶୁଣିବାର ସମୟ ନାହିଁ, ଦୟାକରି କେବଳ ନିଜ ରୂପ ମୋତେ ପ୍ରଦାନ କରନ୍ତୁ, ଏହାଛଡ଼ା ରାଜକୁମାରୀଙ୍କୁ ପ୍ରାପ୍ତ କରିବାର ଅନ୍ୟ ଉପାୟ ନାହିଁ –

ଯେହି ବିଧି ନାଥ ହୋଇ ହିତ ମୋରା ।
କରହୁଁ ସୋ ବେଗୀ ଦାସ ମୈଁ ତୋରା ॥

ଅର୍ଥାତ୍ – ହେ ପ୍ରଭୁ, ମୁଁ ତୁମ୍ଭର ଦାସ । ଯେଉଁ ପ୍ରକାରରେ ମୋର ହିତ ହେବ ତାହା ତୁମେ ଶୀଘ୍ର କର । ଭଗବାନ୍ କହିଲେ :

ଯେହି ବିଧି ହୋଇ ହି ପରମ ହିତ, ନାରଦ ଶୁନହୁ ତୁମ୍ହାର ।
ସୋହି ହମ କରବ ନ ଆନ କଛୁ, ବଚନ ନ ମୃଖା ହମାର ॥
କୁପଥ ମାଗ ରୁଜ ବ୍ୟାକୁଳ ରୋଗୀ, ବୈଦ୍ୟ ନ ଦେହି ସୁନହୁ ମୁନି ଯୋଗୀ ।
ଏହି ବିଧି ହିତ ତୁମ୍ହାର ମୈଁ ଠଏଉ... ॥

ଅର୍ଥାତ୍ : ହେ ନାରଦ, ତୁମେ ତୁମର ହିତ ଚାହିଁଛ । ତୁମର ଯେଉଁଥିରେ ପରମ ହିତ ହେବ ତାହାହିଁ ମୁଁ କରିବି, ମୋ ବଚନ କେବେହେଲେ ମିଥ୍ୟା ନୁହେଁ । ରୋଗୀ ବ୍ୟାକୁଳ ହୋଇ କୁପଥ୍ୟ ମାଗିଲେ ବୈଦ୍ୟ ଦିଏ ନାହିଁ, ସେହି ପ୍ରକାର ମୁଁ ତୁମର ହିତ କରିବି । ଏତିକି କହି ଭଗବାନ୍ ଅନ୍ତର୍ଦ୍ଧାନ ହୋଇଗଲେ ।

ନାରଦ ମାୟାବଶରେ ଥିବାରୁ ଭଗବାନଙ୍କର ରହସ୍ୟମୟ ଉକ୍ତି ବୁଝି ପାରିଲେ ନାହିଁ । ରାଜକୁମାରୀ ନିଶ୍ଚୟ ତାଙ୍କୁହିଁ ବରମାଲ୍ୟ ଦେବେ, ଏପରି ମନେକରି ସ୍ୱୟଂବର ସ୍ଥାନରେ ସମୟ ପୂର୍ବରୁ ଅତି ଉତ୍ସାହରେ ଯାଇ ବସି ରହିଲେ । ତାଙ୍କୁ ସମୟ ଭାରସ୍ୱରୂପ ପ୍ରତୀତ ହେଉଥିଲା । ସେ ରାଜକନ୍ୟାର ଆଗମନକୁ ପ୍ରତୀକ୍ଷା କରି ଛଟପଟ ହେଉଥିଲେ । ସ୍ୱୟଂବର ସମୟ ହେଲା । ମର୍ତ୍ତ୍ୟର ରାଜା ଓ ସ୍ୱର୍ଗର ଦେବତାମାନେ ସୁନ୍ଦର ସୁନ୍ଦର ପୋଷାକରେ ସଜ୍ଜିତ ହୋଇ ନିଜ ନିଜ ସ୍ଥାନରେ ଉପନୀତ ହେଲେ । ରାଜା ଶୀଳନିଧିଙ୍କ ନିର୍ଦ୍ଦେଶ ଅନୁସାରେ ସଖୀମାନଙ୍କ ସହିତ ରାଜକନ୍ୟା ସ୍ୱୟଂବର ସ୍ଥାନକୁ ଆସି ପ୍ରଥମରେ ସେଠାରେ ଉପସ୍ଥିତ ବ୍ୟକ୍ତିମାନଙ୍କୁ ଥରେ ଅବଲୋକନ କଲେ । ସେହି ସଭାରେ ଥିଲେ ଭଗବାନ୍ ବିଷ୍ଣୁ । ରାଜକୁମାରୀ ବିଷ୍ଣୁଙ୍କ ଗଳାରେ ବରମାଲ୍ୟ ଦେଲେ, ବିଷ୍ଣୁ ରାଜକୁମାରୀଙ୍କୁ ସାଙ୍ଗରେ ନେଇ ଚାଲିଗଲେ । ଭଗବାନ୍ ବିଷ୍ଣୁଙ୍କର ଏପରି ଠକାମି ନାରଦଙ୍କୁ ଅସହ୍ୟ ହେଲା । କିନ୍ତୁ ଜଳରେ ନିଜର ପ୍ରତିବିମ୍ବ ମର୍କଟାକାର ଦେଖି ତାଙ୍କର ରାଗର ସୀମା ରହିଲା ନାହିଁ । ସେ କ୍ରୋଧାଗ୍ନିରେ ପ୍ରଜ୍ୱଳିତ ହୋଇ ବିଷ୍ଣୁଙ୍କୁ ଅଭିଶାପ ଦେବାକୁ ଜ୍ଞାନ ହରାଇ ମାର୍ଗହୀନ ଭାବରେ ବ୍ୟାକୁଳ ହୋଇ ଦୌଡ଼ିବାକୁ ଲାଗିଲେ । ଭାବିଲେ ବିଷ୍ଣୁ ସ୍ୱତନ୍ତ୍ର, ଯଦି ସେ ମୋ ଅଭିଶାପକୁ ଗ୍ରହଣ ନ କରିବେ ତେବେ ମୁଁ ଆତ୍ମହତ୍ୟା କରିବି ।

ଭଗବାନ୍ ଭକ୍ତବତ୍ସଳ । ଭଗବାନ୍ କହିଛନ୍ତି ତାଙ୍କ ଅର୍ଦ୍ଧାଙ୍ଗିନୀ ଲକ୍ଷ୍ମୀଙ୍କଠାରୁ ଭକ୍ତ ଅଧିକ ପ୍ରିୟ । ସ୍ୱର୍ଣ୍ଣକାର ସୁବର୍ଣ୍ଣକୁ ଅଗ୍ନିରେ ବାରଂବାର ତପ୍ତ କରି ଯେପରି ତା'ର ଯଥାର୍ଥ ସ୍ୱରୂପ ପ୍ରକଟ କରେ, ସେହିପରି ଭଗବାନ୍ ଭକ୍ତର ଦୋଷ ଦୂର କରି ଶୁଦ୍ଧ, ସ୍ୱଚ୍ଛ, ନିଷ୍କଳଙ୍କ କରି ତାଙ୍କ ସୁଯଶଃ ବିସ୍ତାର କରିବାକୁ ପରୀକ୍ଷାଗ୍ନିରେ ବାରଂବାର ତପ୍ତ କରନ୍ତି । ସେହି ପରୀକ୍ଷାରେ ବି ଭକ୍ତକୁ ନିଜ କୃପାକଟାକ୍ଷରେ ରକ୍ଷା କରନ୍ତି । ଏହା ତାଙ୍କର ଭକ୍ତ ପ୍ରତି ପରମ ଦୟାର ନିଦର୍ଶନ । ନାରଦଙ୍କର କଷ୍ଟ ଭଗବାନ୍ ଆଉ ସହ୍ୟ କରି ପାରିଲେ ନାହିଁ । ନାରଦ ଯେଉଁ ମାର୍ଗରେ ବ୍ୟାକୁଳ ହୋଇ ଦୌଡୁଥିଲେ

ସେହି ମାର୍ଗରେ ସ୍ୱୟଂବର ପ୍ରାପ୍ତ ରାଜକୁମାରୀ ଏବଂ ଲକ୍ଷ୍ମୀଙ୍କ ସହିତ ନାରଦଙ୍କ ସାମନାରେ ଭଗବାନ୍ ପ୍ରକଟ ହେଲେ । ଭଗବାନଙ୍କ ସହିତ ରାଜକୁମାରୀଙ୍କୁ ଦେଖି ଋଷିଙ୍କର ଆହୁରି କ୍ରୋଧ ବଢ଼ିଗଲା । ସେହି ଅବସ୍ଥାରେ ବିଷ୍ଣୁ କହିଲେ : —

ବୋଲେ ମଧୁର ବଚନ ସୁରସାଇଁ ।
ମୁନି କହ ଚଲେ ବିକଳ କିପାଇଁ ॥

ଅର୍ଥାତ୍ : ହେ ନାରଦ, ତୁମେ ବିକଳ ହୋଇ କୁଆଡ଼କୁ ଯାଉଅଛ ? ନାରଦ ଆଉ କ୍ରୋଧ ସମ୍ଭାଳି ନ ପାରି ବିଷ୍ଣୁଙ୍କ କଥା ଶୁଣିବା ମାତ୍ରେ ନିଜ କ୍ରୋଧକୁ ଶବ୍ଦ ରୂପେ ଉଦ୍‌ଗାର କଲେ :—

ପର ସମ୍ପଦା ସକହୁ ନହିଁ ଦେଖି,
ତୁମ୍ଭରେ ଇରିଷା କପଟ ବିସେଖି ।
ମଛତ ସିନ୍ଧୁ ରୁଦ୍ରହି ବୌରାଏହୁ,
ସୁରହ୍ନ ପ୍ରେରି ବିଷପାନ କରାଏହୁ ॥
ଅସୁର ସୁରା ବିଷ ଶଙ୍କରହି,
ଆପୁ ରମା ମନି ଚାରୁ ।
ସ୍ୱାରଥ ସାଧକ କୁଟିଳ ତୁମ୍ଭ,
ସଦା କପଟ ବ୍ୟବହାରୁ ॥

ଅର୍ଥାତ୍ — 'ହେ ଭଗବାନ୍, ତୁମ୍ଭର ଈର୍ଷା ଓ କପଟତା ହେତୁ ତୁମ୍ଭେ ଅନ୍ୟର ଐଶ୍ୱର୍ଯ୍ୟ ଦେଖି ପାର ନାହିଁ । ସିନ୍ଧୁମନ୍ଥନ ସମୟରେ ଶଙ୍କରଙ୍କ ମତିଭ୍ରମ କରିଦେଲ, ଦେବତାଙ୍କୁ ପ୍ରେରଣା ଦେଇ ତାଙ୍କୁ ବିଷ ଓ ଅସୁରଙ୍କୁ ସୁରାପାନ କରାଇଲ । କପଟ ବ୍ୟବହାରରେ ରମା ଏବଂ ମଣିକୁ ଗ୍ରହଣ କରି ନିଜ ସ୍ୱାର୍ଥ ସାଧନ କଲ ।' ଏହିପରି କେତେ ଭର୍ତ୍ସନା କରି ଭଗବାନଙ୍କୁ ନର ଶରୀର ଧାରଣ ଏବଂ ପତ୍ନୀବିୟୋଗର ଅଭିଶାପ ଦେଇଦେଲେ । ଭଗବାନ୍ ନାରଦଙ୍କ ଅଭିଶାପ ସ୍ୱୀକାର କରିନେଇ ତାଙ୍କ ବୈଷ୍ଣବୀମାୟାକୁ ଦୂର କରିନେଲେ । ଶୀଳନିଧି ରାଜା, ତାଙ୍କର ରାଜ୍ୟ, ରାଜକୁମାରୀ, ସ୍ୱୟଂବର, ନାରଦଙ୍କ କପି ଶରୀର ସମସ୍ତହିଁ ଥିଲା ମାୟା । ମାୟା ଅପସାରଣ ହେବା ମାତ୍ରେ ଆଉ କିଛି ରହିଲା ନାହିଁ; ସେଠାରେ କେବଳ ରହିଲେ ଭଗବାନ୍ ଏବଂ ନାରଦ । ନାରଦ ମାୟାର ବଶ ହୋଇ ଭଗବାନଙ୍କୁ ଅଭିଶାପ ଦେଇଥିଲେ । ମାୟା ଦୂର ହେବାରୁ ସେ ଭଗବାନଙ୍କ ଚରଣରେ ପଡ଼ିଗଲେ ଓ କହିଲେ, 'ମୃଖା ହେଉ ମମ ଶାପ କୃପାଲା' ଅର୍ଥାତ୍, 'ମୋ ଅଭିଶାପ ବୃଥା ହେଉ' । ଭଗବାନ୍ କହିଲେ, 'ମମ ଇଚ୍ଛା କହ ଦିନ ଦୟାଲା' ଅର୍ଥାତ୍ — ମୋ ଇଚ୍ଛାରେ ତୁମେ ଅଭିଶାପ ଦେଇଛ; ତାହା ମୋର ଦରକାର ଥିଲା । ନାରଦ ବହୁତ ପ୍ରକାର ବିନୀତ ପ୍ରାର୍ଥନା କରି ଭଗବାନଙ୍କଠାରୁ ଆଶ୍ୱାସନା ପାଇ ଚାଲିଗଲେ ।

ନାରଦ ଭଗବାନଙ୍କର ଅନନ୍ୟ ଭକ୍ତ ଆଉ ଭକ୍ତିର ଆଚାର୍ଯ୍ୟ ଥିଲେ । ଆଚାର୍ଯ୍ୟମାନେ ଆଦର୍ଶସ୍ଥାନୀୟ ହୁଅନ୍ତି ଏବଂ ତାଙ୍କଠାରୁ ଅନ୍ୟାନ୍ୟ ସାଧାରଣ ବ୍ୟକ୍ତି ଶିକ୍ଷାଲାଭ କରନ୍ତି । ଭଗବାନ୍ ନାରଦଙ୍କ ଦ୍ୱାରା ଭକ୍ତଙ୍କୁ ଉପଦେଶ ଦେବା ସକାଶେ ତାଙ୍କୁ ବୈଷ୍ଣବୀ ମାୟାରେ ମୋହିତ କରି ତାଙ୍କ ଅହଂକୁ ପ୍ରକାଶ କରାଇଥିଲେ କିଂବା ନାରଦଙ୍କ ଅବଚେତନାରେ ବହୁତ ସୂକ୍ଷ୍ମରୂପେ ସୁପ୍ତଥିବା ଅହଂ ସମୟ ପାଇ କ୍ରିୟାଶୀଳ ହେଲା । ଏହି ବିଷୟରେ ଆମ୍ଭମାନଙ୍କର ଅଧିକ ବିଚାର ଅନାବଶ୍ୟକ । ଆବଶ୍ୟକ କେବଳ ଏତିକି, ନାରଦଙ୍କ ଏହି ଘଟଣାରୁ ଆମ୍ଭେମାନେ ଦେଖିବା ସମର୍ପିତ ଭକ୍ତକୁ ଭଗବାନ୍ କିପରି ସବୁସମୟରେ ରକ୍ଷା କରନ୍ତି, ଆଉ କୌଣସି ଅନିଷ୍ଟ ଘଟିବାକୁ ନ ଦେଇ ତା'ର ଦୋଷ ଦୂର କରି ଦିଅନ୍ତି ।

ମନୁଷ୍ୟ ମଧ୍ୟରେ ଯେଉଁସବୁ ଦୁର୍ଗୁଣ ଥାଏ, ସବୁଠାରୁ ପ୍ରବଳ ହେଲା କାମବାସନା ଏବଂ ଅହଂ । ଏହି ଦୁଇ ଶତ୍ରୁ କବଳରୁ ମୁକ୍ତ ହେବା ବହୁତ କଠିନ । କିନ୍ତୁ ଭଗବାନଙ୍କ ଚରଣରେ ନିଜକୁ ସମର୍ପଣ କରିଦେଲେ ଭଗବାନ୍ ତାକୁ ଲକ୍ଷ୍ୟରେ ପହଞ୍ଚିବା ପର୍ଯ୍ୟନ୍ତ ରକ୍ଷାକରନ୍ତି । ଭକ୍ତ ବିରୋଧରେ ସମସ୍ତ ଦେବତା, ସମସ୍ତ ଅସୁରଙ୍କ ଆକ୍ରମଣ ଭଗବତ୍ କୃପାରୁ ବ୍ୟର୍ଥ ହୁଏ । ଭଗବାନ୍ ଭକ୍ତ ମଧ୍ୟରୁ କୌଣସି ଦୋଷ ଦୂର କରିବାରେ ଯଥାର୍ଥରେ ତା'ର ଚେତନା ଅଥବା ସାଧନାରେ କୌଣସି କ୍ଷତି ହୁଏ ନାହିଁ । ବାହ୍ୟ ମିଥ୍ୟା ଅପଯଶଃ ଅଥବା ଅସମ୍ମାନ ଦ୍ୱାରା ତାହା ଦୂର କରନ୍ତି । ଯେପରି ନାରଦଙ୍କ ଚରିତ୍ରରେ ହେଲା । ନାରଦଙ୍କୁ ଯେଉଁ ମୋହ ହେଲା ତାହା ଥିଲା ବହୁତ କମ୍ ସମୟ ପାଇଁ । କେବେ କେବେ ବ୍ୟକ୍ତି ଦିନରେ ଶୋଇବା ସମୟରେ କେତେ ମାସ ମଧ୍ୟରେ ଯେପରି କେତେ ସ୍ଥାନ ଭ୍ରମଣ କରିଆସେ, କେତେ କାର୍ଯ୍ୟ କରିଆସେ, କିନ୍ତୁ ଆଖି ଖୋଲି ଦେଖିବାରେ ଘଡ଼ିରେ ମାତ୍ର ପାଞ୍ଚ ମିନିଟ ହୋଇଥାଏ । ନାରଦ ରାସ୍ତାରେ ଦେଖିଲେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ମାୟା । ଯେଉଁ ଶୋଭାଯୁକ୍ତା ରାଜକୁମାରୀ ପ୍ରତି ନାରଦଙ୍କର ମୋହ ହେଲା ସେ ରାଜକୁମାରୀ ଥିଲା ମିଥ୍ୟା; ନାରଦଙ୍କ ମୋହ ମଧ୍ୟ ଥିଲା ମିଥ୍ୟା । ନାରଦ ଏତେ ବଡ଼ ଋଷି ହୋଇ କନ୍ୟା ପ୍ରତି ଏପରି ବ୍ୟାକୁଳ ହେବା, ଏହା ବି ଥିଲା ମିଥ୍ୟା । ଏଥିପାଇଁ ତାଙ୍କୁ ଲୋକମୁଖରେ ଯେଉଁ ଉପହାସ, ଅପଯଶଃ ହେଲା ସେ ବି ଥିଲା ମିଥ୍ୟା । ନାରଦଙ୍କ କପି ଆକୃତି ମଧ୍ୟ ଥିଲା ମିଥ୍ୟା । ଧର୍ମଗ୍ଳାନି ହେଲେ ଭଗବାନଙ୍କୁ ଅବତାର ନେଇ ଲୀଳା କରିବାକୁ ହୁଏ, ଏଣୁ ତାଙ୍କୁ ଅଭିଶାପ ମଧ୍ୟ ଥିଲା ମିଥ୍ୟା ଅର୍ଥାତ୍, ନାରଦଙ୍କର କିଛି ବି ହୋଇ ନ ଥିଲା ଏବଂ ଦୂର ହୋଇଥିଲା କେବଳ ତାଙ୍କ ଭିତରେ ଥିବା ଅହଂକାର ।

## ଭକ୍ତାଧୀନ ଭଗବାନ୍

ଭଗବାନ୍ ସର୍ବ-ସ୍ୱତନ୍ତ୍ର କିନ୍ତୁ ଭକ୍ତର ଅଧୀନ । 'ଅହଂ ଭକ୍ତ-ପରାଧୀନଃ ।' ଚକ୍ର ଭୟରେ ଦୁର୍ବାସା ଋଷି ଯେତେବେଳେ ଭଗବାନଙ୍କ ଶରଣପ୍ରାପ୍ତ ହେଲେ, ଭଗବାନ୍ ସ୍ପଷ୍ଟ କହିଲେ, 'ଋଷି, ମୋର ପ୍ରତିଜ୍ଞା ହେଲା ଶରଣାଗତର ଭୟ ଦୂର କରିବା କିନ୍ତୁ ତୁମେ ଭକ୍ତାପରାଧୀ, ମୁଁ ତୁମ ଭୟ ଦୂର କରିବାରେ ଅସମର୍ଥ । ମୁଁ ଭକ୍ତର ଅଧୀନ । ତୁମେ ମୋ ଭକ୍ତ ଅମ୍ବରୀଶ ପାଖକୁ ଯାଅ, ସେ ନିଶ୍ଚୟ ତୁମ୍ଭ ଦୋଷ କ୍ଷମା କରିଦେବେ ।'

ଭଗବାନ୍ ଭକ୍ତ ପାଖରେ ନିଜ ଷଡ଼ ଐଶ୍ୱର୍ଯ୍ୟ ଏକେବାରେ ଭୁଲି ପୁତ୍ରରୂପେ ଯଶୋଦାଙ୍କ ହାତରେ ବନ୍ଧା ହୁଅନ୍ତି, ଦହି ମାଖନ ଖାଇବାକୁ ଗୋପୀମାନଙ୍କ ତାଳିରେ ନାଚନ୍ତି, ନାପିତ ସେନା ଭକ୍ତ ସ୍ଥାନରେ ସେବା କରନ୍ତି, ଆଚାର୍ଯ୍ୟ ରାମାନନ୍ଦଙ୍କ ଭକ୍ତ ଶିଷ୍ୟ ଘରେ ବାର ବର୍ଷ ପର୍ଯ୍ୟନ୍ତ ସେବା କରନ୍ତି । ଭକ୍ତ ଡାକକୁ କାନ ଡେରି ରହି ଶୁଣୁଥାଆନ୍ତି । ମନୁ, ଶତରୂପାଙ୍କ ତପସ୍ୟାରେ ଭଗବାନ୍ ପ୍ରକଟ ହୋଇ କହିଲେ, 'ମୋର ଭକ୍ତକୁ ଅଦେୟ କିଛି ନାହିଁ, ତୁମେ ଯାହା ଇଚ୍ଛାକରୁଛ ନିଃସଂକୋଚରେ ମାଗ ।' ଭଗବାନଙ୍କୁ ପ୍ରାପ୍ତ ହେବା ପରେ ଭକ୍ତର ମାଗିବାର ବସ୍ତୁ କିଛି ନ ଥାଏ । ସେ ତ' ଭଗବାନଙ୍କୁ ପାଇ କୃତକୃତ୍ୟ ହୋଇଯାଆନ୍ତି, ତାଙ୍କ ପାଖରେ ସମସ୍ତ ଯୌଗିକ ସିଦ୍ଧି, ତ୍ରୈଲୋକ୍ୟର ଐଶ୍ୱର୍ଯ୍ୟ ତୁଚ୍ଛ ଜଣାପଡ଼େ । ସେ ଚାହାନ୍ତି କେବଳ ଭଗବାନଙ୍କ ଦର୍ଶନ ଓ ସାମୀପ୍ୟ । ମନୁ, ଶତରୂପା ନିଜ ଇଚ୍ଛା ପ୍ରକାଶ କରିବାକୁ ସଂକୋଚବୋଧ କରୁଥିବା ଦେଖି ଭଗବାନ୍ କହିଲେ, 'ତୁମକୁ ମୋର ଅଦେୟ କିଛି ନାହିଁ ।' ରାଜା ଓ ରାଣୀ ଚାହୁଁଥିଲେ ଭଗବାନଙ୍କୁ ସବୁ ସମୟରେ ପାଖରେ ରଖିବାକୁ ।

ଐଶ୍ୱର୍ଯ୍ୟ ରୂପରେ ନୁହେଁ, ଐଶ୍ୱର୍ଯ୍ୟରେ ସଂକୋଚ ରହେ, ବିନା ସଂକୋଚ ହୁଏ ନିଜର ସନ୍ତାନଠାରେ । ସେ ଚାହୁଁଥିଲେ ଭଗବାନଙ୍କୁ ପୁତ୍ରରୂପେ ପ୍ରାପ୍ତ ହେବାକୁ କିନ୍ତୁ ପ୍ରଭୁଙ୍କୁ ଏପରି କହିବା ଉଚିତ ନୁହେଁ, ସେଥିପାଇଁ କହିପାରୁ ନ ଥିଲେ । ଭଗବାନଙ୍କଠାରୁ ଯେତେବେଳେ ଶୁଣିଲେ, ତାଙ୍କର 'ଅଦେୟ କିଛି ନାହିଁ', ତେବେ ସାହସ ହେଲା ମାଗିବାକୁ । ତଥାପି ପୂର୍ଣ୍ଣ ସଂକୋଚ ଦୂର ହେଲା ନାହିଁ । ଖାଲି କହିଲେ, ତୁମେ ତ ଅନ୍ତର୍ଯାମୀ, ଆମ୍ଭମାନଙ୍କ ମନକଥା ଜାଣ, ଆମ୍ଭେ ଚାହୁଁଛୁ, 'ତୁମରି ସମାନ ପୁତ୍ର', ସିଧା ସିଧା କହିଲେ ନାହିଁ ସେମାନେ ଭଗବାନଙ୍କୁ ପୁତ୍ରରୂପେ ପାଇବାକୁ କାମନା

କରୁଛନ୍ତି ବୋଲି । କିନ୍ତୁ ଭଗବାନ୍ ଭକ୍ତ-ବାଞ୍ଛା-କଳ୍ପତରୁ । ଭକ୍ତର ମନ ଜାଣି ବର ଦିଅନ୍ତି । ସେଥିନେଇ କହିଲେ – ମୋ ସମାନ ସଂସାରରେ ଆଉ କେହି ନାହିଁ, ମୁଁ କେଉଁଠି ଯାଇ ଖୋଜିବି – ମୁଁ ନିଜେ ତୁମମାନଙ୍କୁ ପୁତ୍ରରୂପେ ପ୍ରାପ୍ତ ହେବି । ସେହି ମନୁ ଓ ଶତରୂପା, ଦଶରଥ ଓ କୌଶଲ୍ୟାରୂପେ ଜନ୍ମନେଲେ; ତାଙ୍କରି ପୁତ୍ରରୂପେ ଭଗବାନ୍ ଶ୍ରୀରାମ ଅବତାର ନେଲେ । ରାମାୟଣରେ ଭଗବାନଙ୍କର ଭକ୍ତ-ବତ୍ସଳତା ଗୁଣ ବ୍ୟକ୍ତିର ହୃଦୟକୁ କୃତଜ୍ଞତାରେ ବିଦୀର୍ଣ୍ଣ କରିଦିଏ । ଶ୍ରୀରାମଙ୍କ ପିତୃମାତୃଭକ୍ତି ମନୁଷ୍ୟ-ବୁଦ୍ଧିର ଅକଳ୍ପନୀୟ ।

ଭଗବାନ୍ ଜପ, ତପଃ, ଯୌଗିକ କ୍ରିୟାରେ ଯୋଗୀର ଅଧୀନ ହୋଇ ଛାୟାତୁଲ୍ୟ ଯୋଗୀ ସଙ୍ଗେ ସଙ୍ଗେ ରହି ଯୋଗୀର ମନ ଯୋଗାନ୍ତି ନାହିଁ । ଜପ, ତପଃ, ଯୌଗିକ କ୍ରିୟାର ଫଳ ଦେଇଦିଅନ୍ତି । କିନ୍ତୁ ଭକ୍ତିରେ ଭଗବାନ୍ ଭକ୍ତର ବଶ ହୋଇ ନିଜକୁ ଭକ୍ତ ହାତରେ ଦେଇଦିଅନ୍ତି । ଭକ୍ତିର ପ୍ରଧାନ ଅଙ୍ଗ ସମର୍ପଣ । ସମର୍ପଣର ଅର୍ଥ ନିଜକୁ ଦେଇଦେବା । ଭକ୍ତ ନିଜକୁ ଭଗବାନଙ୍କ ଚରଣରେ ଅର୍ପଣ କରିଦେଲେ, ତାକୁ ଅନ୍ୟ କିଛି ଦେବାରେ ଭଗବାନଙ୍କର ସନ୍ତୋଷ ହୁଏ ନାହିଁ, ସେ ନିଜକୁ ଭକ୍ତ ହାତରେ ଦେଇ ଦିଅନ୍ତି । ଭଗବାନଙ୍କଠାରୁ ସମସ୍ତ ବସ୍ତୁର ଉତ୍ପତ୍ତି, ଏଣୁ ଭକ୍ତ ଭଗବାନଙ୍କୁ ପାଇଲେ ତା'ର ଆଉ କିଛି ପାଇବାର ବାକି ରହେ ନାହିଁ ।

ଏହି କାରଣରୁ ସମର୍ପଣ ସର୍ବଶ୍ରେଷ୍ଠ ସାଧନ ଓ ନିରାପଦ । ନିଜକୁ ଭଗବାନଙ୍କ ଚରଣରେ ସମର୍ପଣ କରିଦେଲେ ଭଗବାନ୍ ସମସ୍ତ ବାଧାବିଘ୍ନରୁ ରକ୍ଷା କରି ସ୍ୱୟଂ ସାଧକର ସମସ୍ତ ସତ୍ତାରେ ପ୍ରାପ୍ତ ହୁଅନ୍ତି । ଅନ୍ୟାନ୍ୟ ଯୋଗରେ ସମର୍ପଣ ବ୍ୟତୀତ ସାଧନା ଚାଲିପାରେ କିନ୍ତୁ ଶ୍ରୀଅରବିନ୍ଦଙ୍କ ଯୋଗରେ ସମର୍ପଣ ଛଡ଼ା ଯୋଗସିଦ୍ଧି କେବଳ ଦୁରୂହ ନୁହେଁ, ଅସମ୍ଭବ । ସୁତରାଂ ସାଧନାର ଆରମ୍ଭରୁ ମାତୃଶକ୍ତିଙ୍କ ନିକଟରେ ସାଧକ ନିଜକୁ ସମର୍ପଣ କଲେ ଭାଗବତୀ ଶକ୍ତି ସାଧକ ମଧ୍ୟରେ ଅବତରଣ କରି ସାଧନା କରନ୍ତି ଏବଂ ଅନ୍ୟାନ୍ୟ କଠୋର ଯୌଗିକ କ୍ରିୟା ଦ୍ୱାରା ଯେଉଁ ଅନ୍ତିମ ଲକ୍ଷ୍ୟସିଦ୍ଧି, ମୁକ୍ତି ବା ଭଗବତ୍ ପ୍ରାପ୍ତି, ତାହା ଶ୍ରୀଅରବିନ୍ଦଙ୍କ ଯୋଗର ପ୍ରଥମ ସୋପାନରୂପେ ସାଧକକୁ ପ୍ରାପ୍ତ କରାଇ ଦିଅନ୍ତି । ଏହାପରେ ସାଧକକୁ ରୋଗ, ଜରା, ମୃତ୍ୟୁ କବଳରୁ ମୁକ୍ତ କରିଦିଅନ୍ତି ଏବଂ ପୃଥିବୀରେ ସ୍ୱର୍ଗରାଜ୍ୟର ପ୍ରତିଷ୍ଠା କରନ୍ତି । ଏହି ଅବସ୍ଥାରେ ସାଧକର ମନ, ପ୍ରାଣ, ଶରୀର ତା'ର ମୂଳ ଚିନ୍ମୟ ତତ୍ତ୍ୱରେ ରୂପାନ୍ତରିତ ହୁଏ, ତାହାର ସମସ୍ତ ଚେତନା ଭଗବାନଙ୍କ ଚେତନା ସଙ୍ଗରେ ଏକ ହୋଇଯାଏ । ସାଧକର ସମସ୍ତ ସତ୍ତାରେ ଭଗବାନ୍ ପ୍ରକାଶିତ ହୁଅନ୍ତି । ସେ ଭାଗବତୀ ଶକ୍ତି ଦ୍ୱାରା ପୂର୍ଣ୍ଣରୂପେ ପରିଚାଳିତ ହୁଏ । ଏହାହିଁ ମନୁଷ୍ୟର ଏକମାତ୍ର ଲକ୍ଷ୍ୟ । ଏହି ଲକ୍ଷ୍ୟସିଦ୍ଧି ସକାଶେ ଭଗବାନ୍ ସ୍ୱୟଂ ବହୁ ପ୍ରାଣୀରୂପେ ପ୍ରକଟ ହୋଇଅଛନ୍ତି ।